## ସଂକ୍ଷେପରେ

### ଆଇଆର୍‌ଇରେ ସ୍ଥାୟୀ ନିଯୁକ୍ତି ନେଇ ବିଧାୟକଙ୍କ ସହ ଆଲୋଚନା

ଛତ୍ରପୁର,୧୭।୬(ସନ୍ତୋଷ ପାଢ଼ୀ): ଛତ୍ରପୁର ନିକଟରେ ଅବସ୍ଥିତ ଆଇଆରଇ ପ୍ଲାଣ୍ଟରେ ଦୀର୍ଘ ବର୍ଷ ଧରି ବିଭିନ୍ନ ପଦବୀ ଯଥା ଅଣକୁଶଳୀ, କୁଶଳୀ, ସୁପରଭାଇଜର ଭାବେ ସ୍ଥାନୀୟ ବାସିନ୍ଦା କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ଦୁଃଖର ବିଷୟ ସ୍ଥାନୀୟ ବାସିନ୍ଦା ହେବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଛତ୍ରପୁର ସବ ଡିଭିଜନର କାହାରିକୁ ବି ସ୍ଥାୟୀ ନିଯୁକ୍ତି ଦିଆଯାଇନାହିଁ। କ୍ଷୋଭର ବିଷୟ ଯେ, ଏଠାରେ ପ୍ରତ୍ୟେକ ବର୍ଷ ବାହାର ରାଜ୍ୟର ପିଲାମାନଙ୍କୁ ବହୁତ ସୁଯୋଗ ଦିଆଯାଉଛି। ଯେଉଁମାନେ କି ନିଯୁକ୍ତି ପାଇବା ପରେ ବର୍ଷେ କିମ୍ବା ଦୁଇ ବର୍ଷ ଚାକିରି କରି ଅନ୍ୟ ଜାଗାକୁ ଚାଲିଯାଉଛନ୍ତି। ଯାହାଦ୍ୱାରା ପ୍ଲାଣ୍ଟର ବି ବିଶେଷ କ୍ଷତି ହେଉଛି। ତେଣୁ ଏହି ପରିସ୍ଥିତିରେ କିପରି ସୁଧାର ଆସିବ, ସେ ନେଇ ସୋମବାର ପ୍ଲାଣ୍ଟର ୫୦ରୁ ଉର୍ଦ୍ଧ୍ୱ ଶ୍ରମିକ ଏକତ୍ରିତ ହୋଇ ସ୍ଥାନୀୟ ବିରେଶ୍ୱର ମନ୍ଦିର ନିକଟରେ ଏକ ଆଲୋଚନା ରଖିଥିଲେ। ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ ଛତ୍ରପୁରର ନବ ନିଯୁକ୍ତ ବିଧାୟକ କୃଷ୍ଣଚନ୍ଦ୍ର ନାୟକ। ପ୍ରଥମେ ତାଙ୍କୁ ପ୍ଲାଣ୍ଟ ଶ୍ରମିକ ତରଫରୁ ମନୋରଞ୍ଜନ ବେହେରା ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ଓ ପରେ ସମସ୍ତ ଦାବି ତଥା ପ୍ଲାଣ୍ଟରେ ଶ୍ରମିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ବିଷୟରେ ଜଣାଇଥିଲେ। ଏହି କ୍ରମରେ ପ୍ଲାଣ୍ଟରେ କାର୍ଯ୍ୟରତ ଟୁଟୁ ନାୟକ କହିଥିଲେ ପ୍ଲାଣ୍ଟରେ ଯଦି ଆମ ରାଜ୍ୟର ଶ୍ରମିକମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ୭୫% ସଂରକ୍ଷଣ ପାଇଁ ବ୍ୟବସ୍ଥା ହୁଅନ୍ତା, ତେବେ ହୁଏତ ଏଠାରେ ଆମ ରାଜ୍ୟର ଶ୍ରମିକମାନଙ୍କୁ କିଛି ନୂତନ ଚାକିରୀର ସୁଯୋଗ ପ୍ରାପ୍ତ ହୁଅନ୍ତା ଓ କିଛି ଲୋକଙ୍କର ବି ରୋଜଗାର ପାଇଁ ନୂତନ ପନ୍ଥା ଖୋଲନ୍ତା। ସେହିପରି ସମାନତା ଅଧିକାର ହିସାବରେ ଏଠାରେ କାର୍ଯ୍ୟରତ ମହିଳା ଶ୍ରମିକମାନଙ୍କୁ ସମାନ ବେତନ ଓ ବୋନସ ଦିଆଯାଉ କଥା ମଧ୍ୟ ଉଠିଥିଲା। ବିଧାୟକ ମହୋଦୟ ଗମ୍ଭୀରତର ସହ ସମସ୍ତ କଥା ଶୁଣିବା ପରେ ପ୍ରତିଶ୍ରୁତି ଦେଇଥିଲେ ଯେ, ଏଥିପ୍ରତି ଯଥାଶୀଘ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ଓ ଶ୍ରମିକମାନଙ୍କ ଅସୁବିଧା ଦୂର କରାଯିବ। ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ କେ.ଚନ୍ଦ୍ରଶେଖର ରେଡ୍ଡୀ, ଓକିଲ ଧର୍ମା ରେଡ୍ଡୀ, କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର, ପୁରୁଷୋତ୍ତମ ପ୍ରଧାନ, ସୁମନ୍ତ ମହାରଣା, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଭାଗ ନେଇ ନିଜ ନିଜର ମତବ୍ୟକ୍ତ କରିଥିଲେ।

### ଜଙ୍ଗଲରୁ ୩୪୮ କେଜି ଗଞ୍ଜେଇ ଜବତ

ମୋହନା, ୧୭।୬ (ମନ୍ମଥ ମିଶ୍ର): ମୋହନା ଥାନା ପୋଲିସ ବାଟିପଙ୍କା ଗାଁ ନିକଟସ୍ଥ ଏକ କାଜୁ ଜଙ୍ଗଲରେ ପୋଲିସ ଓ ଅବକାରୀ ବିଭାଗ ଚଢ଼ାଉ କରି ୩୪୮ କେଜି ଗଞ୍ଜେଇ ଜବତ କରିଛି, ଯାହାର ଆନୁମାନିକ ମୂଲ୍ୟ ୩୫ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ଅଭିଯୁକ୍ତମାନେ ଗଞ୍ଜେଇ ଚାଲାଣ ପାଇଁ ତାଙ୍କୁ ପେକେଜିଂ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରିଥିଲା । ପୋଲିସକୁ ଦେଖି ଅଭିଯୁକ୍ତମାନେ ଛତ୍ରଭଙ୍ଗ ଦେଇଥିଲେ । ତେବେ ପୋଲିସ ୩ ଜଣ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରିଥିବା ବେଳେ ଏହି ଗଞ୍ଜେଇ ଉତ୍ତରପ୍ରଦେଶ ଚାଲାଣ ହେବାର ଥିଲା ବୋଲି ଜାଣିବାକୁ ପାଇଛି।

### ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ଖଜୁରିପଡ଼ା,୧୭।୬ (ବିଦ୍ଧୁର ବେହେରା):

ଖଜୁରିପଡ଼ା ଥାନା ଅନ୍ତର୍ଗତ ବଙ୍ଗଳା ସାହିର ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅଜିତ ନାୟକ। ଅଜିତ ୩/୪ଟି ଗ୍ରୁପରୁ ଋଣ ନେଇଥିଲେ। ଉକ୍ତ ଋଣ ସୁଝିବାକୁ ସେ ଅନେକ ସମୟରେ ଚିନ୍ତାରେ ରହୁଥିଲେ। ଏପରିକି ପରିବାର ଲୋକ ମଧ୍ୟ ଚାପରେ ରହୁଥିଲେ । ଏହାକୁ ସହ୍ୟ କରି ନ ପାରି ଅଜିତ ବିଷ ପିଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଖଜୁରିପଡ଼ା ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ.୧୧/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଚାପଧାରି ପ୍ରଧାନ ସୂଚନା ଦେଇଛନ୍ତି।

# ପରିବା ଦର ଆକାଶଛୁଆଁ, ଚିନ୍ତାରେ ଖାଉଟି

ବୁଗୁଡ଼ା,୧୭।୬(କାଳିଚରଣ ଦାଶ)



ବୁଗୁଡା ସହର ତଥା ଏହାର ଆଖପାଖ କେତେକ ଅଞ୍ଚଳରେ କିଛି ଦିନ ହେଲା ପନିପରିବା ଦର ଆଶାତୀତ ଭାବେ ବୃଦ୍ଧି ପାଇଛି। ବିଭିନ୍ନ ପରିବା ଦର ଏବେ ଆକାଶଛୁଆଁ ହୋଇଛି। କି.ଗ୍ରା ପ୍ରତି ଦର କ୍ରମରେ ଟମାଟୋ ଓ କାଙ୍କଡ଼ ୮୦ ଟଙ୍କା, ଫୁଲକୋବି ୭୦ ଟଙ୍କା, ପୋଟଳ, ସଜନା ଛୁଇଁ ଓ ଫୁଲକୋବି ୬୦ ଟଙ୍କା , ଝୁଲଣ ୫୦ ଟଙ୍କା, ଦେଶୀଆଳୁ, ସାରୁ, ବନ୍ଧାକୋବି, କଦଳୀ, ପିଆଜ, ଜହ୍ନି, ତୋରଡା ଓ ଭେଣ୍ଡି ୪୦ ଟଙ୍କା, ଆଳୁ ୩୫ ଟଙ୍କା, ବାଇଗଣ ଓ ଅମୃତଭଣ୍ଡା ୩୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଅଦା ୨୦୦ ଟଙ୍କା, ରସୁଣ ୧୪୦ ଟଙ୍କା, କ୍ୟାପ୍ସିକମ ୧୨୦ ଟଙ୍କା ଓ ବିନ୍ସ ୧୦୦ ଟଙ୍କାରେ ବିକ୍ରି ହେଉଛି। ଦର ବଢ଼ିବା ଗରିବ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ବାଧୁଛି। ପନିପରିବା ଦର ନିୟନ୍ତ୍ରଣ ପାଇଁ ସ୍ଥାନୀୟ ପ୍ରଶାସନିକ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉନଥିବା ଦେଖାଯାଇଛି। ସ୍ଥାନୀୟ ପରିବା ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ଯୋଗୁଁ ବାହାରୁ ଆସୁଥିବା ପରିବା ଉପରେ ବ୍ୟବସାୟୀମାନଙ୍କୁ ନିର୍ଭର କରିବାକୁ ପଡୁଛି। ଅନ୍ୟପକ୍ଷରେ ହାତ ଗଣତି କେତେଜଣ ବ୍ୟବସାୟୀ ପରିବା ବଜାରକୁ ନିଜ କବଜାରେ ରଖି ଦର ବୃଦ୍ଧି ଘଟାଉଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

# ଗଜପତିର ୨ ଜଣଙ୍କୁ ନବରତ୍ନ ସମ୍ମାନ



ଏ.ସଦାନନ୍ଦ ସ୍ୱାମୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି ।

ରାମଗିରି,୧୭।୬(ବୃନ୍ଦାବନ ଗୌଡ଼)

ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ସ୍କାର୍ଟ ଓଡ଼ିଶା) ଆନୁକୂଲ୍ୟରେ ପ୍ରତିଭା ପୂଜା, ସମ୍ବର୍ଦ୍ଧନା ଓ ପ୍ରତିଭା ପ୍ରୋତ୍ସାହନ କାର୍ଯ୍ୟକ୍ରମ 'ସ୍କାର୍ଟ ନବରତ୍ନ ସମ୍ମାନ ୨୦୨୪' କଟକସ୍ଥିତ କଳା ବିକାଶ କେନ୍ଦ୍ରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରତିଭାବାନ୍ ବ୍ୟକ୍ତିମାନଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଉଦଘାଟକ ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ମୁଖ୍ୟ ଅତିଥି ଯାଜପୁର ଏମପି ରବି ନାରାୟଣ ବେହେରା, ମୁଖ୍ୟବକ୍ତା ରଣପୁର ବିଧାୟିକା ସୁରମା ପାଢ଼ୀ, ସ୍ୱତନ୍ତ୍ର ଅତିଥି ଭାବେ ପ୍ରାକ୍ତନ ପୋଲିସ୍ ମହାନିର୍ଦ୍ଦେଶକ ଡଃ ସତ୍ୟଜିତ୍ ମହାନ୍ତି, ସମ୍ମାନିତ ଅତିଥି ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ, ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ଚୌଦ୍ୱାର କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ସ୍କାର୍ଟ-ନବରତ୍ନ କମିଟି ଅଧକ୍ଷା ଡ. ଚିଦାମ୍ବିକା ଖଟୁଆ, ସ୍କାର୍ଟ ଓଡିଶା ପ୍ରତିଷ୍ଠାତା ତଥା ସଭାପତି କଳାଭୂଷଣ ପ୍ରଶାନ୍ତ କୁମାର କର, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ଗଜପତି ଜିଲା ଆର.ଉଦୟଗିରି ବ୍ଲକ ରାମଗିରି ଗ୍ରାମର ଦର୍ଜୀ (ପୋଷାକ କାରିଗର) ଏ.ସଦାନନ୍ଦ ସ୍ୱାମୀ ଏବଂ ଆର.ଉଦୟଗିରି ସାମ୍ବାଦିକ ସଂଘର ସଭାପତି ମମତାଜ୍ ମହମ୍ମଦ ସମ୍ମାନିତ ହୋଇଛନ୍ତି। ନବରତ୍ନ ସମ୍ମାନରେ ସମ୍ମାନିତ ହେବା ପରେ ଉଭୟ ମମତାଜ୍ ଓ ସଦାନନ୍ଦ କହିଛନ୍ତି ଯେ, ଗଜପତିବାସୀଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଯୋଗୁଁ ଆଜି ସେମାନେ ଏହି ସ୍ଥାନରେ ପହଞ୍ଚି ପାରିଛନ୍ତି। ଏହି ପୁରସ୍କାର ଆହୁରି ଆଗକୁ ବଢିବା ପାଇଁ ପ୍ରେରଣା ଯୋଗାଇଛି। କଳାର ବିକାଶ ଏବଂ ଲୁକ୍କାୟିତ ପ୍ରତିଭାମାନଙ୍କୁ ଅନ୍ୱେଷଣ କରି ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଥିବାରୁ ସ୍କାର୍ଟ ଓଡ଼ିଶା ପରିବାରର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ମାତୃପିତୃହୀନ ପିଲାଙ୍କ ସହ ରଜ ପାଳିଲେ ଜିଲାପାଳ





ପାରଳାଖେମୁଣ୍ଡି, ୧୭।୬ (ଗିରିଧାରୀ ପରିଛା): ଗଜପତି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ସୋମବାର ଉତ୍କଳ ବାଳାଶ୍ରମଠାରେ ପହଞ୍ଚିବା ସହ ରଜ ଉତ୍ସବରେ ଚାଲିଥିବା ଶିଶୁ କନ୍ୟାଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ। ଏହି ଅବସରରେ ସେ କହିଥିଲେ ଯେ ରଜ ପର୍ବ ଓଡିଆମାନଙ୍କର ଏକ ଗଣପର୍ବ। ଓଡ଼ିଶାର ବିଭିନ୍ନ ପର୍ବପର୍ବାଣି ଓଡ଼ିଶାବାସୀଙ୍କୁ ଏକଜୁଟ୍ କରିବାରେ ସହାୟକ ହୁଏ। ପୁଣି ଓଡ଼ିଆ ଭାଷା ଏବଂ ଓଡ଼ିଆ ସଂସ୍କୃତି ଉପରେ ଶିଶୁ ମାନଙ୍କର କିପରି ଆଗ୍ରହ ଆଗକୁ ବଢିବ ତାହା ଉପରେ ଗୁରୁତ୍ୱ ଦେବା ଲାଗି ସମସ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଶିଶୁମାନେ ସମ୍ବଲପୁରୀ ନାଚ ପରିବେଷଣ କରିବା ସହ ଦୋଳିର ମଜା ଉଠାଇଥିଲେ। ଅନୁଷ୍ଠାନ ତରଫରୁ ବିଭିନ୍ନ ଓଡିଆ ପିଠା, ପୋଡ଼ପିଠା ଏବଂ କାକରା ଇତ୍ୟାଦି ଶିଶୁମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିଲା। ଏହି ସମୟରେ ଅନୁଷ୍ଠାନରେ ୭୨ ଜଣ ମାତୃପିତୃହୀନ ଶିଶୁ ଉପସ୍ଥିତ ଥିଲେ। ଜିଲାପାଳ ପ୍ରତ୍ୟେକ ଶିଶୁ ସଜାଇ ହେବା ପାଇଁ ବିଭିନ୍ନ ପ୍ରକାର କସ୍ମେଟିକ୍ ଜିନିଷ ଓ ମିଠା ବଣ୍ଟନ କରିଥିଲେ। ସେହିପରି ଆର ସୀତାପୁରୁ ଠାରେ ଥିବା ଶ୍ରୀ ଜଗନ୍ନାଥ ନିକେତନ ଶିଶୁ ଯତ୍ନ ଅନୁଷ୍ଠାନକୁ ଭ୍ରମଣ କରି ଭିତ୍ତିଭୂମି ଉପରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ନିକଟରେ ଭଲ ମାର୍କ ରଖି ପାସ୍ କରିଥିବା ଦଶମ ଶ୍ରେଣୀର ଶିଶୁମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଗସ୍ତ ସମୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ମନୋରମା ଦେବୀ, ଶିଶୁ ମଙ୍ଗଳ ସମିତିର ସଭ୍ୟା ମମତା ଶତପଥି, ୱାନ୍ ଷ୍ଟପ୍ ସେଣ୍ଟର ଅଧକ୍ଷ ସୁନିତା ରଥ ପ୍ରମୁଖ ଉପସ୍ଥିତ ଥିଲେ।

### ୫୦ କେଜି ଗଞ୍ଜେଇ ଜବତ, ୨ ଗିରଫ

ଫୁଲବାଣୀ/ଖଜୁରିପଡ଼ା, ୧୭।୬(ରାକେଶ କୁମାର ରାଉତ/ବିଦ୍ଧୁର ବେହେରା): ଫୁଲବାଣୀ ସଦର ଅବକାରୀ ଟିମ୍ ପୃଥକ ସ୍ଥାନରେ ଚଢ଼ାଉ କରି ଦୁଇଟି କାରରୁ ୫୦ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସଦର ଥାନା ବିଶିପଡା ଅଞ୍ଚଳର ନିରଞ୍ଜନ ବେହେରା ଓ ଫିରିଙ୍ଗିଆ ଥାନା ଖଜୁରୀପଡାର ଅନନ୍ତ ବେହେରା। ସୂଚନା ଅନୁସାରେ ନିରଞ୍ଜନ ଏକ କାର (ଓଡି ୦୨ଏଫ ୮୨୭୩)ରେ ବିଶିପଡା ପଟୁ ଫୁଲବାଣୀ ଆଡେ ଆସୁଥିଲେ । କୌଣସି ସୂତ୍ରରୁ ଖବରପାଇ ଅବକାରୀ ଟିମ୍ ତାଙ୍କୁ ଗଡପଦର ଛକ ପାଖରେ ଅଟକାଇ ଯାଞ୍ଚ କରିଥିଲେ। ଗାଡି ଚେଚିସ ଭିତରୁ ୪୦ କେଜି ଗଞ୍ଜେଇ ବାହାରିଥିଲା । ନିରଞ୍ଜନଙ୍କୁ ପଚରାଉଚରା ବେଳେ ଗଞ୍ଜେଇ ଫିରିଙ୍ଗିଆରୁ ଭୁବନେଶ୍ୱର ଯାଉଥିବା ଜଣାପଡିଛି । ସେହିପରି ଫିରିଙ୍ଗିଆ ଥାନା ଖଜୁରୀପଡା ଗାଁର ଅନନ୍ତ ବେହେରା କାର (ଓଆର ୦୨ବିବି ୩୭୯୭)ରେ ଆସୁଥିଲେ। ଅବକାରୀ ଟିମ୍ ତାଙ୍କୁ ଗଞ୍ଜୁଗୁଡା ଛକରେ ଅଟକାଇ ଯାଞ୍ଚ କଲା ବେଳେ ଗାଡିରୁ ୧୦ କେଜି ଗଞ୍ଜେଇ ମିଳିଥିଲା । ଏନେଇ ଦୁଇଟି ମାମଲା ରୁଜୁ ହୋଇଛି। ଅବକାରୀ ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରା, ଏସ୍‌ଆଇ ଭବାନୀ ଶଙ୍କର ସେଠୀ, ଏଏସ୍‌ଆଇ ସୁଜିତ କୁମାର ମୁଦୁଲି, ଭୃଗୁପତି ଦିଗାଲ, କନଷ୍ଟେବଲ ସଦାଶିବ ରଣା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ନିର୍ବାଚନ ପରେ ଦାୟିତ୍ୱ ଭୁଲିଗଲା ପ୍ରଶାସନ



ପାରଳାଖେମୁଣ୍ଡି, ୧୭।୬ (ଗିରିଧାରୀ ପରିଛା):

ପାରଳାଖେମୁଣ୍ଡି ଓ ମୋହନା ନିର୍ବାଚନ ମଣ୍ଡଳୀର ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବ୍ୟବହାର ହୋଇଥିବା ଇଭିଏମଗୁଡ଼ିକ ଖ୍ରୀଙ୍ଗରୁମ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ରଖାଯାଇଥିଲା। ଜୁନ୍ ୪ ତାରିଖରେ କଡା ସୁରକ୍ଷା ମଧ୍ୟରେ ଭୋଟ୍ ଗଣତି ହୋଇଥିଲା। ଗଣତି ପାଇଁ ଚୌକି ଟେବୁଲଗୁଡ଼ିକୁ ବ୍ୟବହାର କରାଯାଇଥିଲା। ତେବେ ଭୋଟ ଗଣତି ପରେ ସେଗୁଡ଼ିକୁ ଯଥା ସ୍ଥାନରେ ରଖିବା ଦାଇତ୍ୱ ଜିଲା ପ୍ରଶାସନ ଭୁଲିଯିବା ଫଳରେ ସେଗୁଡ଼ିକ ବାହାରେ ପଡ଼ି ନଷ୍ଟ ହେଉଛି। ଛୁଟି ଯୋଗୁଁ କଲେଜ ବନ୍ଦ ଥିବାରୁ ଖରା ବର୍ଷାରେ ଚୌକି, ଟେବୁଲଗୁଡ଼ିକ ପଡି ନଷ୍ଟ ହୋଇଯାଇଥିବା ବେଳେ ପ୍ରଶାସନ ସେଗୁଡ଼ିକୁ ଯଥା ସ୍ଥାନରେ ରଖିବା ଭୁଲିଯାଇଥିବା ଯୋଗୁଁ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ପୁରାତନ ଛାତ୍ର ସଂଗଠନ ଓ ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ଜିଲ୍ଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରାଯାଇଛି।

# ଭାଜପା ଏମ୍‌ପି ସୁକାନ୍ତ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା

ଜି.ଉଦୟଗିରି,୧୭।୬(ଶିଶିର ପଟ୍ଟନାୟକ):



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଭାଜପା ଏମପି ଓ ଅନ୍ୟମାନେ ।

କନ୍ଧମାଳ ଏମପି ସୁକାନ୍ତ ପାଣିଗ୍ରାହୀ ସୋମବାର ଜି.ଉଦୟଗିରି ଗସ୍ତ କରିଥିବା ବେଳେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏମପି ବାବା ଧବଳେଶ୍ୱରଙ୍କ ଦର୍ଶନ କରି ମହାଦେବଙ୍କ ଆଶିଷ ଗ୍ରହଣ କରିଥିଲେ ଓ ମନ୍ଦିର ପରିସର ମଧ୍ୟେ ଦଳୀୟ କର୍ମକର୍ତ୍ତାଙ୍କ ସହ ବୈଠକ କରିଥିଲେ। ଲାଗୁ ହେବାକୁ ଥିବା ଶୁଭଦ୍ରା ଯୋଜନାରେ କିପରି ଲାଭ ମହିଳାମାନେ ନେଇ ପାରିବେ ଏବଂ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ ଚାଷୀ କିପରି ଲାଭବାନ ହେବ ସେ ସଂପର୍କରେ ଆଲୋକପାତ କରିଥିଲେ। ବୈଠକରେ ଜିଲା ଭାଜପା ସଭାପତି ଜଗନ୍ନାଥ ସାହୁ, ସାଧାରଣ ସମ୍ପାଦକ ମାନ ଗୋବିନ୍ଦ ପ୍ରଧାନ, ବରିଷ୍ଠ ନେତା ଲିଙ୍ଗରାଜ ଦଳବେହେରା, ମଣ୍ଡଳ ସଭାପତି ମାୟା ବନ୍ଧୁ ପ୍ରଧାନ, ନଗର ସଭାପତି ଉଦେଶେନ ପ୍ରଧାନ, ଜିଲା ସମ୍ପାଦକ ଭେଙ୍କେଟେଶ୍ୱର ବେହେରା, ନଗର ସମ୍ପାଦକ ପ୍ରଶାନ୍ତ ବର୍ତ୍ତୀ, ବରିଷ୍ଠ ନେତା ଲକ୍ଷ୍ମଣ ଆଚାର୍ଯ୍ୟ, ଅଶୋକ ଆଚାର୍ଯ୍ୟ, ଜ୍ଞାନ ଚନ୍ଦ୍ର ପ୍ରଧାନ, ବିଶ୍ୱ ମହାରଣା, ସନ୍ତୋଷ ମୁନି, ନବ ପ୍ରଧାନଙ୍କ ସମେତ ମହିଳା ନେତ୍ରୀ ସୁସ୍ମିତା ଜେନା, ମହିଳା କାଉନସିଲ ଏବଂ ସାଧାରଣ କର୍ମୀମାନେ ଉପସ୍ଥିତ ଥିଲେ।

# ଡଙ୍ଗା ଚୋରି ଘଟଣାରେ ୩ ଗିରଫ, ୨ ମୋଟର ଜବତ

ଖଲ୍ଲିକୋଟ,୧୭।୬(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱରରୁ ୨ଟି ଡଙ୍ଗା ସହ ମୋଟର ଚୋରି କରିଥିବା ୩ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବାଲୁଗାଁ ଥାନା ଅଠରବାଟିଆ ଗ୍ରାମର ରାନୁସ ରାଉତ, ମାନସ ଜାଲି ଓ ମିଟୁ ଜାଲି। ଅଭିଯୁକ୍ତମାନଙ୍କ ନିକଟରୁ ୨ଟି ମୋଟର ଜବତ କରାଯାଇଛି। ସୋମବାର ଅପରାହ୍ନରେ ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଲଙ୍ଗଳେଶ୍ୱର ପାଦୂକେଇ ମନ୍ଦିର ନିକଟସ୍ଥ ଚିଲିକା କୂଳରୁ ଗତ ୧୨ ତାରିଖ ରାତିରେ ୨ଟି ଡଙ୍ଗା ସହ ମୋଟର ଚୋରି ହୋଇଥିବା ଲଙ୍ଗଳେଶ୍ୱରର ସହଦେବ ବେହେରା ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଖଲ୍ଲିକୋଟ ଥାନାରେ ନଂ. ୪୯୯/୨୪ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଲଙ୍ଗଳେଶ୍ୱର ଠାରୁ ୨ କିମି ଦୂର ଆମ୍ବନାସୀଠାରେ ଦୁର୍ବୃତ୍ତ ଛାଡି ଯାଇଥିବା ଡ଼ଙ୍ଗା ଦୁଇଟି ମିଳିଥିଲା। କିନ୍ତୁ ସେଥିରୁ ମୋଟର ନେଇ ଯାଇଥିଲେ ଦୁର୍ବୃତ୍ତ। ସୋମବାର ମୋଟର ୨ଟି ବିକ୍ରି ହେଉଥିବା ଖବରପାଇ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, ଏସଆଇ ଭକ୍ତ ଚରଣ ମୁଖି, କନେଷ୍ଟବଳ ଧର୍ମରାଜ ଡୁଙ୍ଗ ଡୁଙ୍ଗ ଓ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ବାଲୁଗାଁ ଥାନା ଚନ୍ଦ୍ରାପୁଟ ଗ୍ରାମରେ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଧରିବା ସହ ସେମାନଙ୍କ ନିକଟରୁ ୨ଟି ମୋଟରକୁ ଜବତ କରିଥିଲେ।

# ଆର୍ଟ ଅଫ୍ ଗିଭିଙ୍ଗ କାର୍ଯ୍ୟକ୍ରମ

**ଛତ୍ରପୁର, ୧୭।୬ (ଦିଲ୍ଲୀପ ସାମଲ) :** ଛତ୍ରପୁର ପବ୍ଲିକ ସ୍କୁଲ ସମ୍ମିଳନୀ କକ୍ଷରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରାଧେଶ୍ୟାମ ଫାଉଣ୍ଡେଶନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ ସୋମବାର ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ୟୁରୋ ସ୍କୁଲର ମୁଖ୍ୟ ତଥା ଯୁବ ଆଇନଜୀବି ରଞ୍ଜନ କୁମାର ମହାପାତ୍ର, ସମାଜସେବୀ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ପ୍ରାଧ୍ୟାପକ ଡ଼. ଭି. ରାଜେନ୍ଦ୍ର ରାଜୁ, ବରିଷ୍ଠ ଆଇନଜୀବୀ ପଦ୍ମଚରଣ ସାହୁ, ପୂର୍ବତନ କାଉନସିଲର ବି. ରାଜୁବାବୁ, ରାଧେଶ୍ୟାମ ଫାଉଣ୍ଡେଶନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ସଭାପତି ତଥା ୧୦ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ର, ବରିଷ୍ଠ ଖବରଦାତା ପ୍ରକାଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଭାବେ ଉଦଘାଟନ କରିବା ସହ କିଟ ଓ କିସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଛତ୍ରପୁର ପ୍ରେସ କ୍ଲବ ସଭାପତି ରବିନ୍ଦ୍ର ନାଥ ପଣ୍ଡା, ସମ୍ପାଦକ ସରୋଜ କୁମାର ସାମଲ, ଉପଦେଷ୍ଟା ବସନ୍ତ କୁମାର ମହାରଣା ଓ ପ୍ରଶାନ୍ତ କୁମାର ମହାରଣା, ଗଞ୍ଜାମ ପ୍ରେସ ଉପଦେଷ୍ଟା ଉମାକାନ୍ତ ବେହେରାଙ୍କ ସମେତ ଅନ୍ୟ ଖବରଦାତାମାନେ ଉପସ୍ଥିତ ଥିଲେ । କବି ପ୍ରଶାନ୍ତ କୁମାର ଶତପଥୀ ପରିଚାଳନାରେ ସହଯୋଗ କରିଥିଲେ ।

**ଭଞ୍ଜନଗର(ବାବୁଲା ପ୍ରଧାନ)**

ସୋରଡା ବ୍ଲକ ଗୌଡଗୋଠ ମେଡିକାଲରେ ଏହି ଉତ୍ସବ ପାଳିତ ହୋଇଥିଲା। ସଞ୍ଜୀବ ପଟ୍ଟନାୟକଙ୍କ ପ୍ରଚେଷ୍ଟା ଓ ଡାକ୍ତର ପ୍ରେମାନନ୍ଦ ତ୍ରିପାଠୀଙ୍କ ସହଯୋଗରେ ଆୟୋଜିତ ଉତ୍ସବରେ ଜିଲା ପରିଷଦ ସଭ୍ୟ ରାମଶବର, ଗୌଡଗୋଠ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଭୁଦତ୍ତ ଦାସ ଅତିଥି ଭାବେ ଯୋଗଦେଇଥିଲେ।

**ଦିଗପହଣ୍ଡି(ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ସ୍ଥିତ ଆଡଭାନ୍ସ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ଆର୍ଟ ଅଫ୍ ଗିଭିଙ୍ଗ ଡେ' ପାଳିତ ହୋଇଯାଇଛି। ରବିନ୍ଦ୍ର ଡାକୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର ପରିଚାଳନା ନିର୍ଦ୍ଦେଶକ ଏସ. ଶଙ୍କର ଦୋରା ପରିଚାଳନା କରିଥିଲେ। ଖେମୁଣ୍ଡି ମହାବିଦ୍ୟାଳୟ ଅଧକ୍ଷ ଡ. ଅସିତ କୁମାର ଷଡ଼ଙ୍ଗୀ, ଗୋପାଳପୁର ମହାବିଦ୍ୟାଳୟ ବରିଷ୍ଠ ପ୍ରାଧ୍ୟାପକ ଡ. ରାଜେନ୍ଦ୍ର ମହାପାତ୍ର, ଖେମୁଣ୍ଡି ଓକିଲ ସଂଘର ସଭାପତି ହରପ୍ରସାଦ ରଥ, ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀ, ହିଞ୍ଜିଳି ମହାବିଦ୍ୟାଳୟ ଆଇଟି ଅଧ୍ୟାପକ ଭବାନୀ ଶଙ୍କର ହୋତା ଅତିଥି ଭାବେ ଯୋଗ ଦେଇଥିଲେ।

**ଚାନ୍ଦିପୁଟ (କେ.ପ୍ରମୋଦ କୁମାର ଦୋରା)**

ମୋହନା ସ୍ଥିତ ହିଲଟପ କଲେଜରେ ଆର୍ଟ ଅଫ ଗିଭିଂ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମଧୁସୂଦନ ପାଢ଼ୀ, ସ୍ୱତନ୍ତ୍ର ଅତିଥି ରୂପେ ମୋହନା ବନରକ୍ଷୀ ଲକ୍ଷ୍ମୀପ୍ରସାଦ ବିଷୋୟୀ, ମଞ୍ଚାସିନ ଅତିଥି ରୂପେ ଓକିଲ ସଂଘ ସଭାପତି ସନ୍ତୋଷ କୁମାର ପାଢ଼ୀ, ଏମକେସିଜି ଯୁବକ ସଂଘର ସମ୍ପାଦକ ଜୀତେନ୍ଦ୍ର ବେହେରା, ଡାକ୍ତର ବିରେନ୍ଦ୍ର କୁମାର ପଣ୍ଡା, ସାମ୍ବାଦିକ ସଂଘ ସଭାପତି ପଞ୍ଚାନନ ଦାଶ ଉପସ୍ଥିତ ଥିଲେ। ଆମନ୍ତ୍ରିତ ଅତିଥି ଭାବେ ହିଲଟପ କଲେଜର ଅଧ୍ୟାପକଗଣ, ବରିଷ୍ଠ ଆଇନଜୀବୀ ସିମାଞ୍ଚଳ କାର୍ଜୀ, ପିଣ୍ଡିକି ସମିତିସଭ୍ୟ ରମେଶ ବିଷୋୟୀ ଏବଂ ମୋହନା ପ୍ରେସ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୁମନ ପଟ୍ଟନାୟକ ଓ କିଟ୍ କଲେଜରୁ ଆସିଥିବା କର୍ମଚାରୀ ପରିଚାଳନା କରିଥିଲେ।

**ଆସିକା (ସୁରେନ୍ଦ୍ର ନାଥ ସାହୁ)**

ଆସିକା କଳିଙ୍ଗାରୋଡ ସ୍ଥିତ ଏକ ହୋଟେଲ ସଭାଗୃହରେ ସୋମବାର ଆର୍ଟ ଅଫ ଗିଭିଂ ଦିବସ ପାଳିତ ହୋଇଥିଲା । ଓକିଲ ସଂଘର ପୂର୍ବତନ ସଭାପତି ସୁରେନ୍ଦ୍ର ନାଥ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ଗଣେଶ ରଥ ମୁଖ୍ୟ ଅତିଥି, ଟି.ଭି. ଭାସ୍କର ରାଓ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଶିକ୍ଷକ ନେତା ପିତବାସ ମହାପାତ୍ର, ଆଇନଜୀବିଦିଲୀପ ପାଣିଗ୍ରାହୀ, ବିଡିଓ ଫକୀର ଚରଣ ପରିଡା, ପୂର୍ବତନ ବ୍ଲକ ଅଧକ୍ଷ ହରେକୃଷ୍ଣ ମଲ୍ଲିକ, ଖବରଦାତା ପ୍ରକାଶ ପଟ୍ଟନାୟକ ଏବଂ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ଅନିଲ କୁମାର ପାଣିଗ୍ରାହୀ ଓ ରତ୍ନାକର ସିୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ବାଲ୍ମିକୀ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।





ମୋହନାସ୍ଥିତ ହିଲଟପ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

# ରାଇକିଆରେ କନ୍ଧମାଳ ଏମ୍‌ପିଙ୍କୁ ସ୍ୱାଗତ

ରାଇକିଆ,୧୭।୬(ପ୍ରଦୀପ ବେହେରା): କନ୍ଧମାଳର ନବ ନିର୍ବାଚିତ ଏମ୍‌ପି ସୁକାନ୍ତ ପାଣିଗ୍ରାହୀଙ୍କ ଜିଲା ଗସ୍ତ ଅବସରରେ ରାଇକିଆଠାରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ବେରେଡାକିଆ ଛକଠାରୁ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ସହ ସ୍ୱାଗତ କରାଯାଇଥିଲା। ପରେ ଶୋଭାଯାତ୍ରାରେ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍ଗଠନ ତରଫରୁ କର୍ମକର୍ତ୍ତାମାନେ ଏମ୍‌ପିଙ୍କୁ ଅଭିନନ୍ଦନ ଜଣାଇଥିଲେ। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବା ଓ ତୃଣମୂଳ ସ୍ତରରେ ସାଧାରଣ ଗରିବ ଲୋକଟିଏ ଯେପରି ସରକାରଙ୍କ ସମସ୍ତ ସୁବିଧା ହାସଲ କରିପାରିବ ସେ ଦିଗରେ କାର୍ଯ୍ୟ କରିବେ ବୋଲି କହିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଜଗନ୍ନାଥ ସାହୁ, ପୂର୍ବତନ ବିଧାୟକ ମନୋଜ ପ୍ରଧାନ, ପୂର୍ବତନ ବିଧାୟିକା ଅଜୟନ୍ତି ପ୍ରଧାନ, ଜିଲା ଓବିସି ମୋର୍ଚ୍ଚା ସଭାପତି ସନ୍ତୋଷ ଲେଙ୍କା, ମଣ୍ଡଳ ସଭାପତି ନାରାୟଣ ପାତ୍ର, ଜିଲା ସାଧାରଣ ସମ୍ପାଦକ ମାନ ଗୋବିନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ଶକ୍ତି ଦକ୍ଷତା ବ୍ୟୁରୋ**

(ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ବୈଧାନିକ ନିକାୟ)
୪ର୍ଥ ମହଲା, ସେବା ଭବନ, ଆର୍.କେ. ପୁରମ୍, ନୂଆଦିଲ୍ଲୀ - ୧୧୦୦୬୬
ୱେବ୍‌ସାଇଟ୍: www.beeindia.gov.in, ଫୋନ୍: ୦୧୧-୨୬୭୬୬୭୦୦

LiFE Lifestyle for Environment

**ଶକ୍ତି ପ୍ରବନ୍ଧକ ଏବଂ ଶକ୍ତି ସମୀକ୍ଷକଙ୍କ ପାଇଁ ୨୪ତମ ଜାତୀୟ ପ୍ରମାଣନ ପରୀକ୍ଷା ୨୮ ଓ ୨୯ ସେପ୍ଟେମ୍ବର, ୨୦୨୪**

ଶକ୍ତି ଦକ୍ଷତା ବ୍ୟୁରୋ ଶକ୍ତି ପ୍ରବନ୍ଧକ ଏବଂ ଶକ୍ତି ସମୀକ୍ଷକଙ୍କ ପାଇଁ **୨୮ ଓ ୨୯ ସେପ୍ଟେମ୍ବର, ୨୦୨୪** (ଶନିବାର ଓ ରବିବାର) ଦିନ ୨୪ତମ ଜାତୀୟ ପ୍ରମାଣନ ପରୀକ୍ଷା ଆୟୋଜନ କରିବେ।

ବିବରଣ ପୁସ୍ତିକାକୁ **www.aipnpc.org**ରୁ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ଡାଉନ୍‌ଲୋଡ୍ କରାଯାଇପାରିବ। ଉପରୋକ୍ତ ୱେବ୍‌ସାଇଟ୍‌ର ଲିଙ୍କ୍ **www.beeindia.gov.in**ରେ ମଧ୍ୟ ଉପଲବ୍ଧ।

ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ: ୧ ଜୁଲାଇ, ୨୦୨୪, ୧୭.୦୦ ଘଟିକାରେ

ଅନ୍‌ଲାଇନ୍ ପଞ୍ଜୀକରଣ ସମାପ୍ତି: ୩୧ ଜୁଲାଇ, ୨୦୨୪, ୨୩.୫୯ ଘଟିକାରେ।

CBC 34106/12/0004/2425

(ସଚିବ)

## ସଂକ୍ଷେପରେ

### ଲକ୍ଷ୍ମୀ ବସ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଶେରଗଡ଼, ୧୭।୬(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ଼ରୁ କରଡାକଣା ରକ୍ତପଟା ଗ୍ରାମ ହୋଇ ମଛାକୋଟ ଯାଉଥିବା ଲକ୍ଷ୍ମୀ ବସ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାର୍ତ୍ତିକ ନାୟକ (୬୦)। କାର୍ତ୍ତିକ ରାସ୍ତା କଡ଼ରେ ଏକ ଗଛ ଛାଇରେ ବସିଥିବା ବେଳେ ବସ୍‌ଟି ଭାରସାମ୍ୟ ହରାଇ ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଶିକ୍ଷକ ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

ପାତ୍ରପୁର, ୧୭।୬(ଉମା ଚରଣ ନେପାକ): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ପାତ୍ରପୁର ତରଫରୁ ସୋମବାର ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କୁ ତାଙ୍କ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଜିଲା ସଂଘ ସଭାପତି ସାରଥି ପାତ୍ର, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାରଣା, ପାତ୍ରପୁର ବ୍ଲକ ସଭାପତି ବି. ରାମାରାଓ, ଉପସଭାପତି ଟୁଟୁ ପ୍ରଧାନ, ସମ୍ପାଦକ କେ. ମୋହନ ରାଓ, ବେଣୁଗୋପାଳ ପାଢ଼ୀ, ଉର୍ମିଳା ବେହେରା, ସଂଗୀତା ପଟ୍ଟନାୟକ, ମଧୁସୂଦନ ମହାନ୍ତି, ପ୍ରମୋଦ ନାୟକ ପ୍ରମୁଖ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇଥିଲେ। ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ପଦୋନ୍ନତି ବିଷୟରେ ବିଧାୟକଙ୍କ ସହ ଆଲୋଚନା ହୋଇଥିଲା। ଏହାର ଶୀଘ୍ର ସମାଧାନ କରିବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

### ମହିଳାଙ୍କ ମାସିକ ପରିଚ୍ଛନ୍ନତା ଉପରେ ସଚେତନତା

ଗଞ୍ଜାମ, ୧୭।୬(ବିଦ୍ୟାଧର ସାହୁ)

ଋତୁସ୍ରାବ ଏକ ପ୍ରାକୃତିକ ପ୍ରକ୍ରିୟା। କିନ୍ତୁ ଅନେକ ମହିଳା ଏହାକୁ ପ୍ରକାଶ କରିବାକୁ ଲଜ୍ଜା ଅନୁଭବ କରୁଛନ୍ତି। ଏଥିସହ ଋତୁସ୍ରାବଜନିତ ପୀଡ଼ାକୁ ମଧ୍ୟ ଲୁଚାଇ ରଖିଥାଆନ୍ତି। ସଚେତନତା ଅଭାବରୁ ଏହି ସମୟରେ ପରିଚ୍ଛନ୍ନତା ନ ରହିବା ଫଳରେ ବିଭିନ୍ନ ପ୍ରକାର ସଂକ୍ରମିତ ରୋଗ ହୋଇଥାଏ। ତେଣୁ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଗଞ୍ଜାମ ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟୁଥ୍ ଫର୍ ଭିଲେଜ୍ ଓ ଦିଗ୍‌ଦର୍ଶନ ଫାଉଣ୍ଡେଶନ ପକ୍ଷରୁ ଏକ ସଚେତନତାମୂଳକ ୱେବିନାର ହୋଇଯାଇଛି। ୱେବିନାରରେ ବ୍ରହ୍ମପୁର ନଗର ଚିକିତ୍ସାଳୟର ଆର୍‌ଏମ୍‌ଏନ୍‌ସିଏଚ୍ କାଉନସିଲର ଟିକିଲି ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାସିକ ଋତୁସ୍ରାବ ସମୟରେ ପରିଚ୍ଛନ୍ନତା ଓ ଯତ୍ନ ବିଷୟରେ ଆଲୋଚନା କରିଥିଲେ। ୟୁଥ୍ ଫର୍ ଭିଲେଜ୍ ପ୍ରତିଷ୍ଠାତା ଡି. ଦେବହରି ରେଡ୍ଡୀଙ୍କ ସଂଯୋଜନାରେ ଆୟୋଜିତ ୱେବିନାରରେ ଗଞ୍ଜାମ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପରାମର୍ଶଦାତା ସସ୍ମିତା ମିଶ୍ର, ବର୍ଷା ରେଡ୍ଡୀ, ଉଷା ରେଡ୍ଡୀ, ରିତୁମା ପ୍ରଧାନ, ରାଜଲକ୍ଷ୍ମୀ ସାହୁ, ପ୍ରିୟଙ୍କା ଗୌଡ଼, ଋତୁପର୍ଣ୍ଣା ସାହୁ, ଅର୍ଚ୍ଚନା ଗୌଡ଼, ବିଜୟଲକ୍ଷ୍ମୀ ମହାଙ୍କୁଡ଼, ଓଳାଆମ୍ବ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସିଏଚ୍‌ଓ ବି କାମେଶ୍ୱରୀ, ଭୀମପୁର କେନ୍ଦ୍ରା ସିଏଚ୍‌ଓ ଲିଜାରାଣୀ ସେଠୀ, ଅଙ୍ଗନୱାଡ଼ି କର୍ମୀ ସୁଜାତା ରେଡ୍ଡୀ, ଫାର୍ମାସିଷ୍ଟ, ପାଥୋଲୋଜି ଲାବ୍ ଟେକ୍ନିସିଆନ, ସମ୍ବଲପୁର ଆର୍‌ଏମ୍‌ଏନ୍‌ସିଏଚ୍ କାଉନ୍‌ସିଲର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଋତୁପର୍ଣ୍ଣା ସାହୁ, ଜି. ଗୌରୀ, ଅର୍ଚ୍ଚନା ଗୌଡ଼, ଚିନ୍ମୟୀ ପଣ୍ଡା ଓ ଶ୍ରୁତି ରାଉଳ ପ୍ରମୁଖ ଆଲୋଚନାରେ ଭାଗ ନେଇ ସମାଜରେ ପ୍ରଚଳିତ କୁପ୍ରଥା ଉପରେ ମତ ରଖିଥିଲେ।

### ମହିଳାଙ୍କଠାରୁ ଝାମ୍ପିନେଲେ ମୋବାଇଲ

ହିଞ୍ଜିଳିକାଟୁ, ୧୭।୬(ଦ୍ୱିତୀକୃଷ୍ଣ ପଣ୍ଡା): ଗଞ୍ଜାମ ଜିଲା ହିଞ୍ଜିଳି ଥାନା ପୋଚିଲିମା ଛକରେ ରବିବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ଠାରୁ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ମୋବାଇଲ୍ ଝାମ୍ପି ଫେରାର ହୋଇଯାଇଛନ୍ତି । ମହିଳା ଜଣଙ୍କ ସଂଧ୍ୟା ଭ୍ରମଣ କରି ଘରକୁ ଫେରୁଥିବା ବେଳେ ତାଙ୍କ ହାତରୁ ମୋବାଇଲ ଝାମ୍ପିନେଇଥିଲେ। ମହିଳା ଜଣଙ୍କ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଗତ ୬ ତାରିଖ ବିଳମ୍ବିତ ରାତିରେ ସିକିରି ଗ୍ରାମର ନିଳାଞ୍ଚଳ ପାଢୀଙ୍କ ଘରେ ପଶି କେଜେଣ ଲୁଟ କରିଥିଲେ। ଆଲମାରୀରୁ ୪୩ ଭରି ସୁନା ଅଳଙ୍କାର ସମେତ ୩୦ ହଜାର ଟଙ୍କା ଚୋରି କରିନେଇଥିଲେ। ପୋଲିସ ଉଭୟ ଘଟଣାର ତଦନ୍ତ କରୁଛି।

# ଗଞ୍ଜାମ-କନ୍ଧମାଳ ସୀମାରେ ବାଘ ଖାଇଲା ବଳଦ

## ବନ୍ୟପ୍ରାଣୀ ମାନବସମାଜ ପାଇଁ ବିପଦ ନୁହେଁ: ଆରସିସିଏଫ୍

ଭଞ୍ଜନଗର, ୪।୧୧(ବାବୁଲା ପ୍ରଧାନ):



ଆରସିସିଏଫ୍ ଡ.ସଞ୍ଜୟ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

ଗଞ୍ଜାମ-କନ୍ଧମାଳ ଜିଲା ସୀମାରେ ଥିବା ସାହାଜଖାଲ ଗ୍ରାମରେ ୪ଦିନ ପୂର୍ବେ ବାଘ ଗୋଟିଏ ବଳଦ ଖାଇଛି, ଯାହାକୁ ନେଇ ସମ୍ପୃକ୍ତ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏହିଭଳି ପରିସ୍ଥିତିରେ ସୋମବାର ମଧ୍ୟାହ୍ନରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ.ସଞ୍ଜୟ ସ୍ୱାଇଁ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନାଯୋଗ୍ୟ ଯେ କନ୍ଧମାଳ ଜିଲା ସାହାଜଖାଲ ଗ୍ରାମରେ ୪ଦିନ ପୂର୍ବେ ବାଘ ଗୋଟିଏ ବଳଦକୁ ଗାଈ କୁଆଁରୀରୁ ଟାଣି ନେଇ ଖାଇଥିଲା। ଏହାପରେ ବାଘ ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳର ବାଲାକୁ ଆଡ଼େ ଚାଲିଆସିଛି। କିନ୍ତୁ ବାଲାକୁ ଅଞ୍ଚଳରେ ବାଘ କୌଣସି କ୍ଷତି କରିଥିବା ପ୍ରମାଣ ମିଳିନାହିଁ । ବାଘ ଯେଉଁଦିନ ସାହାଜଖାଲ ଏବଂ ବାଲାକୁ ଆସିଥିଲା ସମ୍ପୃକ୍ତ ରାତିରେ ବର୍ଷା ହୋଇଥିଲା । ତେଣୁ ବାଘର ପାଦ ଚିହ୍ନ ଏବେବି ରହିଛି । ସୋମବାର ଆରସିସିଏଫ୍ ପରିଦର୍ଶନ ସମୟରେ ଉକ୍ତ ପାଦ ଚିହ୍ନକୁ ଦେଖିଥିଲେ। ଆଜକୁ ପ୍ରାୟ ୪ମାସରୁ ଊର୍ଦ୍ଧ୍ୱ ଦିନ ହେବ ଉକ୍ତ ବାଘଟି ଘୁମୁସର ବନଖଣ୍ଡରେ ଘୁରି ବୁଲୁଛି। ମଝିରେ ମଝିରେ ଅଳ୍ପ କିଛିଦିନ ପାଇଁ କନ୍ଧମାଳ ସୀମାବର୍ତ୍ତୀ ଜଙ୍ଗଲ ଆଡ଼େ ଯାଇ ପୁଣି ଘୁମୁସର ବନଖଣ୍ଡକୁ ଫେରିଆସୁଛି। ଉକ୍ତ ବାଘଟି ମହାରାଷ୍ଟ୍ରରୁ ଚାଲିଆସିଥିବା ଅନୁମାନ କରାଯାଉଛି। ବାଘଟି ଗୋଟିଏ ବନଖଣ୍ଡରେ ଏତେଦିନ ପର୍ଯ୍ୟନ୍ତ ରହିବାକୁ ନେଇ ପରିବେଶବିତମାନେ ନାନା ଆଶଙ୍କା ବ୍ୟକ୍ତ କରୁଛନ୍ତି। ଘୁମୁସର ବନଖଣ୍ଡରେ ଭଲ ଜଙ୍ଗଲ ଭରିରହିଥିବା ବେଳେ ଜଙ୍ଗଲ ନିକଟରେ ଲୋକେ ଗାଈ କୁଆଁରୀ କରିଛନ୍ତି । ତେଣୁ ବାଘକୁ ଖାଦ୍ୟ ସୁବିଧାରେ ମିଳୁଥିବା ବେଳେ ରହିବା ପାଇଁ ସୁରକ୍ଷିତ ଜଙ୍ଗଲ ମଧ୍ୟ ଅଛି । ତେଣୁ ବାଘଟି ଗଞ୍ଜାମ ଏବଂ କନ୍ଧମାଳ ଜିଲା ଜଙ୍ଗଲରେ ହିଁ ଏତେଦିନ ହେବ ରହିବା ପାଇଁ ପସନ୍ଦ କରିଥିବା ଅନୁମାନ କରାଯାଉଛି। ଆରସିସିଏଫ୍ ସୋମବାର ବାଘ ଆତଙ୍କ ଅଞ୍ଚଳ ପରିଦର୍ଶନ କରିବା ପରେ କେନ୍ଦ୍ରୀୟ ବନାଞ୍ଚଳର ଗୁଡ଼ିପଦର ନର୍ସରୀ ଏବଂ ବନ୍ୟପ୍ରାଣୀଙ୍କ ପାଇଁ ହୋଇଥିବା ଜଳାଶୟ ବୁଲି ଦେଖିଥିଲେ। ଏହାପରେ ସ୍ଥାନୀୟ ବନବିହାର ପରିସରରେ ଉତ୍ତର ଘୁମୁସର ବନଖଣ୍ଡ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଆରସିସିଏଫ୍ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଏହି ବନଖଣ୍ଡରେ ବନ୍ୟପ୍ରାଣୀ ମାନବସମାଜ ପାଇଁ ବିପଦ ନୁହେଁ। ଆଗାମୀ ଦିନରେ ହେବାକୁ ଥିବା ବନୀକରଣ କାର୍ଯ୍ୟ କିଭଳି ସଫଳ ହେବ ସେଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି ବୋଲି ଶ୍ରୀ ସ୍ୱାଇଁ କହିଥିଲେ। ଆରସିସିଏଫ୍‌ଙ୍କ ଏହି ଗସ୍ତ ସମୟରେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ମୁଜାଗଡ଼ ରେଞ୍ଜର ବିଦ୍ୟାଧର ସାହୁ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଫଟୋ ପ୍ରଦାନ କଲେ ଶୁଭମ

ଭଞ୍ଜନଗର, ୧୭।୬(ବାବୁଲା ପ୍ରଧାନ): ଗଞ୍ଜାମ ଜିଲା ସୋରଡ଼ା ପାଇକସାହିର ଭଗବାନ ସାହୁଙ୍କ ପୁଅ ତଥା ସୋରଡ଼ା ଶଶିଭୂଷଣ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ଶୁଭମ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ରାଜ୍ୟ ଅତିଥି ଭବନରେ ଭେଟି ନିଜେ ପେନସିଲ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଆଙ୍କିଥିବା ଫଟୋଚିତ୍ର ପ୍ରଦାନ କରିଛନ୍ତି। ଏହିସମୟରେ ଶୁଭମଙ୍କ ବାପା ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶୁଭମଙ୍କୁ ଉଚ୍ଚ ଶିକ୍ଷିତ ହେବା ସହ ବାପା, ମା, ଶିକ୍ଷକମାନଙ୍କ ନିର୍ଦ୍ଦେଶ ମାନି ଚଳିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଜୀବନରେ ସଦାସର୍ବଦା ଶୃଙ୍ଖଳିତ ରହିବାକୁ ପରାମର୍ଶ ଦେଇଛନ୍ତି। ଶୁଭମ ସୋରଡ଼ା ଅଞ୍ଚଳରେ ପେନସିଲ ଆର୍ଟରେ ଶିଶୁ କଳାକାର ଭାବେ ବେଶ ଜଣାଶୁଣା। ପୂର୍ବରୁ ଶୁଭମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଡାକ ଯୋଗେ ଏବଂ ଗତ ସାଧାରଣ ନିର୍ବାଚନ ସମୟରେ ସୋରଡ଼ା ଗସ୍ତରେ ଆସିଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହାଙ୍କୁ ଭେଟି ପେନସିଲ କଳା ଫଟୋ ପ୍ରଦାନ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଫଟୋ ଆଙ୍କି ଡାକ ଯୋଗେ ମଧ୍ୟ ପଠାଇଥିଲେ। ତେଣୁ ରାଷ୍ଟ୍ରପତି ଭବନରୁ ଶୁଭମଙ୍କ ପାଖକୁ ଧନ୍ୟବାଦ ପତ୍ର ଆସିଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସୋରଡାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ଫଟୋ ଆଙ୍କି ଶୁଭମ ଉଚ୍ଚ ପ୍ରଶଂସିତ ହୋଇଛନ୍ତି।


ମୁଖ୍ୟମନ୍ତ୍ରୀଙ୍କୁ ଶିଶୁ ଚିତ୍ରଶିଳ୍ପୀ ଶୁଭମ ଫଟୋ ଚିତ୍ର ପ୍ରଦାନ କରୁଛନ୍ତି।

# ବେଲଗୁଣ୍ଠା ଲକ୍ଷ୍ମୀ ନୃସିଂହ ପୀଠରେ ବିଧାୟକ

ବେଲଗୁଣ୍ଠା, ୧୭।୬(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ସୋରଡା ବିଧାୟକ ନୀଳମଣୀ ବିଷୋୟୀ ରବିବାର ବେଲଗୁଣ୍ଠା ଗସ୍ତରେ ଆସି ନିଜ ସମର୍ଥକମାନଙ୍କ ସହ ନିର୍ବାଚନ ମଣ୍ଡଳୀରେ ବିକାଶ ନିମନ୍ତେ ସମସ୍ତଙ୍କ ସହଯୋଗ ଆଶା କରିଛନ୍ତି। ଏହି ଅବସରରେ ସେ ସହରର ଆରାଧ୍ୟ ମହାପ୍ରଭୁ ଲକ୍ଷ୍ମୀନୃସିଂହଙ୍କ ଦର୍ଶନ କରିଥିଲେ। ନୂତନ ସରକାର କାର୍ଯ୍ୟଭାର ଗ୍ରହଣ କଲା ପରେ ସେ ନିଜ ଅଞ୍ଚଳର ବିକାଶ ପାଇଁ ଉତ୍ସାହିତ ଥିବା ପ୍ରକାଶ କରିଥିଲେ। ଏହି ଅବସରରେ ବେଲଗୁଣ୍ଠା ଏନ୍‌ଏସି ଉପାଧ୍ୟକ୍ଷା ଟି ବବିତା କୁମାରୀଙ୍କ ବାସଭବନରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମର୍ଥକମାନେ ନୂତନ ବିଧାୟକଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ଟି.ବବିତା କୁମାରୀଙ୍କ ସମେତ ବରିଷ୍ଠ ଭାଜପା ନେତା ଚିନଂ ଲିଙ୍ଗରାଜ ପାତ୍ର, ଯୁବ ସଙ୍ଗଠକ ଚିନଂ ଯତୀନ କୁମାର ପାତ୍ର ଓ ରାଧାକୃଷ୍ଣ ସ୍ୱାଇଁ, ଭାଜପା ମଣ୍ଡଳ ସଭାପତି ମହେନ୍ଦ୍ର ବେହେରା, ଶିକ୍ଷାବିତ୍ ରବୀନ୍ଦ୍ରନାଥ ଚୌଧୁରୀ, ଖଦାଳ ପୋଲାଇ, ଜିଲା ସମ୍ପାଦକ ରଞ୍ଜନ କୁମାର ରାଉତ, ପଞ୍ଚାୟତ ସ୍ତରୀୟ ଯୁବ ସଙ୍ଗଠକ ବଳରାମ ସ୍ୱାଇଁ, କୋକୋ ଗୌଡ଼, ବାଳକୃଷ୍ଣ ପାତ୍ର, ସୀତାରାମ ଚୌଧୁରୀ, କମଳା ପତି ଓ ବେଲଗୁଣ୍ଠା ଏନଏସିର ବହୁ ଭାଜପା ସମର୍ଥକ ଯୋଗ ଦେଇଥିଲେ।

# ବଡ଼ଭାଇ ଉପରେ ପେଟ୍ରୋଲ ଢାଳିଲେ ସାନ

## ଦୁଇ ଗୁରୁତର ଏମ୍‌କେସିଜିରେ ଭର୍ତ୍ତି

ଧରାକୋଟ, ୧୭।୬(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ବରଡ଼ାବିଲି ଗ୍ରାମରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସାମାନ୍ୟ ବଚସାକୁ ନେଇ ବଡ଼ଭାଇ ଉପରେ ସାନଭାଇ ପେଟ୍ରୋଲ ଢାଳିବା ବେଳେ ଚୁଲି ନିଆଁ ସଂସ୍ପର୍ଶରେ ଆସି ଉଭୟେ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଉତ୍ତମ ନାୟକ ଓ ଟୁନା ନାୟକ। ଘର ଲୋକେ ସେମାନଙ୍କୁ ପ୍ରଥମେ ଧରାକୋଟ ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ସେଠାରୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି।

ବରଡ଼ାବିଲି ଗ୍ରାମ ଦଳିତ ସାହିର ଦୁଇ ଭାଇ ଉତ୍ତମ ଓ ଟୁନା ରବିବାର ରାତି ପ୍ରାୟ ୮ଟାରେ ମଦ୍ୟପାନ କରିଥିଲେ। ପରେ ମାତ୍ର ୩୦ ଟଙ୍କା ପାଇଁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଉତ୍ତମ ପେଟ୍ରୋଲ ପକାଇ ଟୁନାଙ୍କୁ ଜଳିଦେବାକୁ ଧମକ ଦେଇଥିଲେ। ଏହାପରେ ସେ ଏକ ପେଟ୍ରୋଲ ବୋତଲ ଧରି ଘରେ ଚୁଲି ନିକଟରେ ବସିଥିବା ବଡ଼ଭାଇ ଟୁନାଙ୍କ ଉପରେ ଢାଳିବା ପାଇଁ ଉଦ୍ୟମ କରିଥିଲେ। ଟୁନା ଏହାକୁ ପ୍ରତିହତ ପାଇଁ ଉଦ୍ୟମ କରିବା ବେଳେ ପେଟ୍ରୋଲ ନିଆଁ ସଂସ୍ପର୍ଶରେ ଆସିଯିବାରୁ ଉଭୟେ ପୋଡି ହୋଇଥିଲେ। ତେବେ ଘଟଣା ସମ୍ପର୍କରେ ଧରାକୋଟ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି କହିଛନ୍ତି।

### ସ୍ୱାସ୍ଥ୍ୟ ପରୀକ୍ଷା, ସଚେତନତା ଶିବିର

କବିସୂର୍ଯ୍ୟନଗର, ୧୭।୬(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗର ନୂଆବେଢାସ୍ଥିତ ମା’ ଦନ୍ତ ଚିକିତ୍ସାଳୟଠାରେ ଡା. କଂଗ୍ରେସ ପ୍ରଧାନଙ୍କ ତତ୍ତ୍ୱାବଧାନରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଲୋକଙ୍କ ଦନ୍ତ, ଚକ୍ଷୁ, ଆଣ୍ଠୁଗଣ୍ଠିବାତ ରୋଗୀଙ୍କ ପରୀକ୍ଷା, ଚିକିତ୍ସା ଓ ରୋଗରୁ ବର୍ତ୍ତିବା ଓ ଉପଶମ ପାଇଁ ସଚେତନ କରାଯାଇଥିଲା । ଡା. ବୀଣାଦେବୀ ଶତପଥୀ, ଡା. ମିଳନ ସନ୍ତଶ୍ୱର ଓ ଡା. କଂଗ୍ରେସ ପ୍ରଧାନ ଚିକିତ୍ସା କରିଥିଲେ। ସ୍ୱାସ୍ଥ୍ୟକର୍ମୀ ଜ୍ୟୋତି ରାଉତ, ଲୁସି ପ୍ରଧାନ, ଲିପିକା ପରିଡ଼ା, ନିକିତା ଦଳାଇ, ପ୍ରିୟଙ୍କା ସାମନ୍ତରା, ସୋନାଲି ଖଟେଇ, ପୂଜା ବେହେରା ପ୍ରମୁଖ ସ୍ୱାସ୍ଥ୍ୟସେବା ଯୋଗାଇଥିଲେ। ସାମାଜିକ କର୍ମୀ ଜି. ଶମ୍ଭୁଲିଙ୍ଗମ ଆଚାରୀ, ଶଙ୍କର ଗୌଡ଼, ପିଙ୍କୁ ପ୍ରଧାନ, ସିଦ୍ଧାର୍ଥ ମଲିକ, ରବୀନ୍ଦ୍ର ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ଶୀତଳଷଷ୍ଠୀ ଯାତ୍ରା ଉଦ୍‌ଯାପିତ

ଭଞ୍ଜନଗର, ୧୭।୬(ବାବୁଲା ପ୍ରଧାନ)

ଭଞ୍ଜନଗର ବ୍ଲକ ଛେଦାଭୂମିରେ ଚାଲିଥିବା ଶୀତଳଷଷ୍ଠୀ ଯାତ୍ରା ସୋମବାର ରାତିରେ ଉଦଯାପିତ ହୋଇଯାଇଛି। ଠାକୁର ଗ୍ରାମ ମନ୍ଦିରରୁ ବାହାରି ବିଭିନ୍ନ ସାହି ପରିକ୍ରମା କରିବା ପରେ ବଡଦାଣ୍ଡରେ ହୋଇଥିବା ଅସ୍ଥାୟୀ ମଣ୍ଡପରେ ବିଶ୍ରାମ ନେଇଥିଲେ। ଏହାପରେ ସାନଖେମୁଣ୍ଡି ନିକଟସ୍ଥ ଠାକୁର ପୁଣି ଶୋଭାଯାତ୍ରାରେ ସ୍ଥାୟୀ ମନ୍ଦିରକୁ ଯାଇ ବିଶ୍ରାମ ନେବେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଗ୍ରାମବାସୀ ସହଯୋଗ କରିଥିଲେ।

# ପ୍ରଦ୍ୟୁମ୍ନ, ସୁକାନ୍ତଙ୍କ ବିଜୟ ଶୋଭାଯାତ୍ରା

## ଭଞ୍ଜନଗରର ବିକାଶ ପାଇଁ ପଦକ୍ଷେପ ନିଆଯିବ

ଭଞ୍ଜନଗର, ୧୭।୬ (ବାବୁଲା ପ୍ରଧାନ):



ଏମପି, ବିଧାୟକ ବିଜୟ ଶୋଭାଯାତ୍ରାରେ ଯାଉଛନ୍ତି ।

ନବନିର୍ବାଚିତ ଭାଜପା ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଏବଂ ନବ ନିର୍ବାଚିତ ଭାଜପା କନ୍ଧମାଳ ଏମପି ସୁକାନ୍ତ କୁମାର ପାଣିଗ୍ରାହୀ ସୋମବାର ଭଞ୍ଜନଗରରେ ବିଜୟ ଶୋଭାଯାତ୍ରା କରିଥିଲେ। ଏହି ସମୟରେ ଅଞ୍ଚଳର ବିଭିନ୍ନ ସଙ୍ଗଠନର ନେତା, ସାଧାରଣ ଜନତା, ସରକାରୀ ଅଧିକାରୀ ପ୍ରମୁଖ ସେମାନଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଭଞ୍ଜନଗର ବ୍ଲକ କଇଣ୍ଡି ମନ୍ଦିରରୁ ଏକ ଶୋଭାଯାତ୍ରାରେ ଉଭୟ ନେତା ବାହାରିଥିଲେ। ଏହାପରେ ଭଞ୍ଜନଗର ସହରର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ବାଉଁଶଲୁଣ୍ଡି ବାଇପାସ୍ ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହାପରେ ସହରର ବିଭିନ୍ନ ଛକରେ ଥିବା ମହାନ ପୁରୁଷ ଚକରା ବିଷୋୟୀ, ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ଦାସ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହାପରେ ଜେଲ ପଡ଼ିଆରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ଉଭୟ ନେତା ଭଞ୍ଜନଗର ବିକାଶ ପାଇଁ ସବୁପ୍ରକାର ପଦକ୍ଷେପ ନେବୁ ବୋଲି କହିଥିଲେ। ଏହି ଅବସରରେ ଭାଜପା ନେତା ବିଷ୍ଣୁ ପ୍ରଧାନ, ମନୋଜ ପଟ୍ଟନାୟକ, ଧବଳେଶ୍ୱର ମାଝୀ, ଭାଜପା ନେତା ନୀଳମାଧବ ପାତ୍ର, ସନ୍ତୋଷ ତିଆଡ଼ି, ସନ୍ତୋଷ ପାଳ, ମାନସ ଜେନା ସମେତ ଭାଜପା ସମର୍ଥିତ ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବୁଲିଲେ ଏମ୍‌ପି


ଶିକ୍ଷାକେନ୍ଦ୍ରର ସଭାପତି ଓ ଅନ୍ୟମାନଙ୍କ ସହ ଆସିକା ଏମପି।

ଖଲ୍ଲିକୋଟ, ୧୭।୪(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ରବିବାର ଆସିକା ଏମ୍‌ପି ଅନୀତା ଶୁଭଦର୍ଶିନୀ ପହଞ୍ଚି ଶିକ୍ଷା କେନ୍ଦ୍ରର କର୍ମଚାରୀମାନଙ୍କ ସହ ମିଶି ପରିବେଶ ବୁଲି ଦେଖିଥିଲେ। ଏଥିସହ ସମାଧି ସ୍ଥଳରେ ଧ୍ୟାନ କରିଥିଲେ। ଭୁବନେଶ୍ୱରସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ସେ ଛାତ୍ରୀ ଥିଲେ ବୋଲି ମନେପକାଇ ଏହି ଶିକ୍ଷା କେନ୍ଦ୍ରରେ କିପରି ଶୃଙ୍ଖଳିତ ଶିକ୍ଷାଦାନ ପ୍ରଣାଳୀ ରହିଛି ତାହାର ପ୍ରଶଂସା କରିଥିଲେ। ନିଜ ସଂସଦୀୟ କ୍ଷେତ୍ରରେ ଏପରି ଶିକ୍ଷା କେନ୍ଦ୍ର ରହିଥିବାରୁ ଖୁସି ବ୍ୟକ୍ତ କରିଥିଲେ। ଶିକ୍ଷା କେନ୍ଦ୍ରର ସଭାପତି ଚକ୍ରପାଣି ସ୍ୱାଇଁ, ଏବଂ ସମସ୍ତ ଅପା ଓ ଭାଇ ଏମପିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଅବ୍ୟବସ୍ଥାରେ ହସ୍ପିଟାଲ: ବିଧାୟକଙ୍କ ଅଚାନକ ପରିଦର୍ଶନ



ଛତ୍ରପୁର, ୧୭।୬(ସନ୍ତୋଷ ପାଢ଼ୀ): ଛତ୍ରପୁର ମେଡିକାଲରେ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ସୋମବାର ଅଚାନକ ମେଡିକାଲ ପରିଦର୍ଶନ କରି ଏହିସବୁ ଅସୁବିଧା ଓ ଅଭାବ ସମ୍ପର୍କରେ ଅବଗତ ହୋଇଥିଲେ। ଅକ୍ସିଜେନ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଉନାହିଁ। ଡାକ୍ତର ଅଭାବ, ଷ୍ଟାଫନର୍ସ ଅଭାବ, ଟେକ୍ନିସିଆନ ଅଭାବ, ପାଥୋଲୋଜି ଷ୍ଟାଫ ଅଭାବ, ମୃତଦେହ ବୋହିବା ପାଇଁ ଆମ୍ବୁଲାନ୍ସ ଅଛି ହେଲେ କାର୍ଯ୍ୟକ୍ଷମ ହେଉନାହିଁ, ମେଡିକାଲରେ ଡିଜି (ଡିଜିଟାଲ ଜେନେରେଟର) ଅଛି, କିନ୍ତୁ କାର୍ଯ୍ୟକ୍ଷମ କରୁନାହାନ୍ତି। ଫଳରେ ବିଦ୍ୟୁତ ଚାଲିଗଲେ ଫ୍ୟାନ ଚାଲୁନାହିଁ, ରୋଗୀ ଗରମ ଯୋଗୁଁ ହନ୍ତସନ୍ତ ହେଉଛନ୍ତି। ମେଡ଼ିସିନ ଡାକ୍ତର ଅଭାବ ଅଛି, ବିଭିନ୍ନ ବିଭାଗରେ ଟେକ୍ନିସିଅନ ନାହାନ୍ତି ଆଦି ବହୁ ସମସ୍ୟା ଅଛି। ଏସବୁ ନେଇ ବିଧାୟକ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ, ଦରକାର ପଡ଼ିଲେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଯୋଗାଯୋଗ କରିବେ ବୋଲି କହିଛନ୍ତି। ଏହିସବୁ ସମସ୍ୟା ସମ୍ପର୍କରେ ହସ୍ପିଟାଲର ଡ଼ା. ନିକୁଞ୍ଜ ବିହାରୀ ଦାସଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନ ବେଳେ ଆଇନଜୀବୀ ପଦ୍ମଚରଣ ସାହୁ, ପି. ଧର୍ମା ରେଡ଼ି, ଶଙ୍କର ରେଡ଼ି, ରଘୁ ରେଡ଼ି, ପି ଦୁର୍ଯ୍ୟୋଧନ ରେଡ଼ି ପ୍ରମୁଖ ଉପସ୍ଥିତ ଥିଲେ।

### ଶର୍ଟ ସର୍କିଟରେ ଜଳିଗଲା ଚପଲ ଦୋକାନ

ପୋଲସରା, ୧୭।୬ (ସୁବ୍ରତ ବେହେରା): ଗଞ୍ଜାମ ଜିଲା ପୋଲସରା ମୁଖ୍ୟ ସଡ଼କ ମିଲସାହି ଛକ ନିକଟରେ ଥିବା ଏକ ଚପଲ ଦୋକାନରେ ସୋମବାର ଶର୍ଟ ସର୍କିଟରୁ ନିଆଁ ଲାଗି ନଗଦ ୨ ଲକ୍ଷ ୫୦ ହଜାର ଟଙ୍କା ସହିତ ଲକ୍ଷାଧିକ ଟଙ୍କାର ଚପଲ ପୋଡ଼ି ପାଉଁଶ ହୋଇଛି। ବେଲଗାଁ ପଞ୍ଚାୟତର ନରେନ୍ଦ୍ର ପ୍ରଧାନ ବହୁ ଦିନ ଧରି ମିଲସାହି ଛକ ନିକଟରେ ରହି ଚପଲ ଦୋକାନ କରିଥିଲେ। ସୋମବାର ଦିନ ପ୍ରାୟ ୧୨ଟା ସମୟରେ ନିଆଁ ଲାଗି ଯାଇଥିଲା। ଦମକଳ ବାହିନୀ ଖବର ପାଇ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲା। ଘୁମୁସର ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ ଓ ନଗର ମଣ୍ଡଳ ସଭାପତି ପ୍ରସନ୍ନ କୁମାର ଡାକୁଆଙ୍କ ସହିତ କେତେଜଣ କର୍ମୀ ପହଁଚି ଦୋକାନ ମାଲିକଙ୍କୁ ସନ୍ତନା ଦେଇଛନ୍ତି।

# କେରାଣ୍ଡିତୋଳାରେ ରଜ ମହୋତ୍ସବ ଉଦ୍‌ଯାପିତ

ଛତ୍ରପୁର, ୧୭।୬ (ଦିଲ୍ଲୀପ ସାମଲ):


ମହୋତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଛତ୍ରପୁର ବ୍ଲକ ଅନ୍ତର୍ଗତ କେରାଣ୍ଡିତୋଳା ନାରାୟଣପୁର ଗ୍ରାମରେ ତିନିଦିନିଆ ରଜ ମହୋତ୍ସବ ବିଭିନ୍ନ ପ୍ରତିଯୋଗିତା ସହ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ରଜରୁ ଗ୍ରାମର କନ୍ୟାମାନଙ୍କ ମଧ୍ୟରେ ପୁଚି ଖେଳ, ଦଉଡି ଡିଆଁ, କଣ୍ଠ ସଙ୍ଗୀତ, ଝୋଟି, ମ୍ୟୁଜିକାଲ ଚେୟାର, ଗ୍ରୁପ ନୃତ୍ୟ ଓ କୁଇଜ ପ୍ରତିଯୋଗିତା ହୋଇଥିଲା। ବରିଷ୍ଠ ନାଗରିକ ମଞ୍ଚ ଦ୍ୱାରା ଆୟୋଜିତ ଏହି ତିନିଦିନିଆ ରଜ ମହୋତ୍ସବ ଶେଷ ରଜରେ ଉଦଯାପିତ ହୋଇଯାଇଛି। ଉଦଯାପନ ଦିବସରେ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇ ଥିଲା। ବରିଷ୍ଠ ନାଗରିକ ମଞ୍ଚର ସଭାପତି ନରହରି ପ୍ରଧାନ ସଭାପତିତ୍ୱ କରିଥିଲେ। ଟାଙ୍ଗଣାପଲ୍ଲୀ ସମିତି ସଭ୍ୟା ମୀନାକୁମାରୀ ସାହୁ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣା, ପୂର୍ବତନ ସରପଞ୍ଚ କୁମାରୀ ପ୍ରଧାନ, ଗ୍ରାମ୍ୟ ସଭାପତି ଅମରେଶ୍ୱର ସାହୁ, ଦୁର୍ଯ୍ୟୋଧନ ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ମଞ୍ଚର ସଂଯୋଜକ କାମରାଜୁ ମହାରଣା ମୁଖ୍ୟବକ୍ତା ରୂପେ ଯୋଗଦେଇ ରଜ ପର୍ବର ଐତିହାସିକ ତଥ୍ୟ ଦେଇ ଉତ୍ସବରେ ଅଧିକରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ସଂପାଦକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୋଷାଧ୍ୟକ୍ଷ ଗଗନ ବିହାରୀ ସାହୁ, ଧର୍ମେନ୍ଦ୍ର ପ୍ରଧାନ, ରବିନ୍ଦ୍ର ସାହୁ, ତନିଷା ସାହୁ ବିଚାରକ ରୂପେ ଯୋଗଦେଇଥିଲେ। ଅନିଲକାନ୍ତ ମହାରଣା, ସୋମନାଥ ବେହେରା, ଈଶ୍ୱର ପ୍ରଧାନ, ହରିବନ୍ଧୁ ପ୍ରଧାନ, ଟୁକୁନା ପ୍ରଧାନ, ଜି.ରାମକୃଷ୍ଣ, ଗୋପାଳ ଚନ୍ଦ୍ର ମହାରଣା, ବିଶ୍ୱନାଥ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଟ୍ରେନ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ବ୍ରହ୍ମପୁର,୧୭।୬(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ପୋଲିସ (ଜିଆରପି) ଥାନା ଆମ୍ବପୁଆ ଲେଭଲ କ୍ରସିଂ ରେଳଧାରଣରେ ସୋମବାର ଟ୍ରେନ ସମ୍ମୁଖକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି । ସେ ହେଲେ ଦିଗପହଣ୍ଡି ଥାନା ଛଣମେରି ଗ୍ରାମର ସାଗର ସେଠୀ(୨୫)। ପୋଲିସ ମୃତଦେହ ଜବତ କରିଛି। ଘଟଣାସ୍ଥଳରୁ ଏକ ମୋବାଇଲ, ମୃତକଙ୍କ ପରିଚୟ ପତ୍ର (ଆଧାର କାର୍ଡ) ଓ ଏକ ବାଇକ ଜବତ କରାଯାଇଛି। ସୁରଜ ସେଠୀ ତାଙ୍କ ଭ୍ରାଇଁ ସାଗରଙ୍କ ମୃତଦେହକୁ ଚିହ୍ନଟ କରିଛନ୍ତି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ-୫୫/୨୪) ରୁଜୁ କରି ଘଟଣାର ତଦନ୍ତ କରୁଛି। ସାଗର ରବିବାର ଠାରୁ ଘରକୁ ଫେରିନ ଥିବା ବେଳେ ସୋମବାର ଆମ୍ବପୁଆ ରେଳଧାରଣାରେ ପଡିଥିବା ପୋଲିସ ଖବର ପାଇଥିଲା। ମୃତକଙ୍କ ପରିବାର ଫୋନ ପାଇ ସେଠାରେ ପହଞ୍ଚିଥିଲେ। ଏମକେସିଜି ମେଡିକାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରକୁ ଦିଆଯାଇଛି। ଯୁବକ ଜଣକ କୁକୁଡ଼ା ଫାର୍ମରେ କାମ କରୁଥିଲେ। ଘରୋଇ ଅଶାନ୍ତିରୁ ମାନସିକ ଚାପରେ ଥାଇ ଟ୍ରେନ ସମ୍ମୁଖକୁ ଡେଇଁ ପଡିଥିବା ପୋଲିସ ସନ୍ଦେହ କରୁଛି।

# ସହରରେ ବନ୍ଦ ହେଲାଣି ୮ ସିନେମା ହଲ

ବ୍ରହ୍ମପୁର,୧୭।୬ (ସ୍ୱାଧୀନ ଶେଖର ପାଢ଼ୀ)

ରେଶମ ସହର ବ୍ରହ୍ମପୁର ଦିନେ ସିନେମା ହଲର ଅନ୍ତୁଡିଶାଳ ଥିଲା। ଏଠାରେ ୧୧ଟି ସିନେମା ହଲ ଗଢ଼ି ଉଠିଥିଲା। କିନ୍ତୁ ଏବେ ମାତ୍ର ୩ ଚଳଚ୍ଚିତ୍ର ପରିବେଷଣ ସ୍ଥାନ ରହିଛି। ଲୋକଙ୍କ ଫିଲ୍ମ ଦେଖିବା ରୁଚି ବଦଳିଛି। ମଲ୍ଟିପ୍ଲସ, ଇଣ୍ଟରନେଟ, ୟୁଟ୍ୟୁବ ଓ ଓଟିଟିର ପ୍ରଭାବ ଏହାର କାରଣ ହୋଇଛି। ରାଜ୍ୟର ପ୍ରଥମ ସିନେମା ହଲ ଶ୍ରୀସୀତାରାମ ବିଳାସ ଟକିଜ (ଏସ୍‌ଏସ୍‌ଭିଟି) ବ୍ରହ୍ମପୁରରେ ୧୯୨୭ରେ ଗଢ଼ି ଉଠିଥିଲା। ଭାରତର ପ୍ରଥମ ସାଇଲେଣ୍ଟ ଫିଲ୍ମ 'ରାଜା ହରିଶ୍ଚନ୍ଦ୍ର ଓ ରାଜ୍ୟର ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ଏଠାରେ ପ୍ରଦର୍ଶିତ ହୋଇଥିଲା। ବ୍ରହ୍ମପୁରରେ ତେଲୁଗୁ ଭାଷାଭାଷୀଙ୍କ ସଂଖ୍ୟା ଅଧିକ। ତେଣୁ ହିନ୍ଦୀ ସହ ତେଲୁଗୁ ଓ ଓଡ଼ିଆ ସିନେମା ପ୍ରତି ଦର୍ଶକଙ୍କ ରୁଚି ଥିବାରୁ ଏସ୍‌ଏସ୍‌ଭିଟିକୁ ଛାଡି ରୁକ୍ମିଣୀ, ଗୌତମ, ଉତ୍କଳ, ପରମଜ୍ୟୋତି, ଲିଙ୍ଗରାଜ, ପଦ୍ମଶ୍ରୀ, ବିଜୟା, ଜ୍ୟୋତି, ପାୟଲ, ଶିବା, ଶକ୍ତି ଏଭଳି ଭାବେ ୧୧ଟି ହଲ ଗଢ଼ି ଉଠିଥିଲା। ଯାହାକି ରାଜ୍ୟରେ ସର୍ବାଧିକ ଥିଲା। କିନ୍ତୁ ଏବେ ଗୌତମ, ରୁକ୍ମିଣୀ ଓ ନିକଟ ଅତୀତରେ ଖୋଲିଥିବା ପିଏସଆର ସିନେମା ହଲକୁ ଛାଡିଦେଲେ ବାକି ସମସ୍ତ ହଲ ବନ୍ଦ ହୋଇଯାଇଛି। ବିଭିନ୍ନ କାରଣରୁ ସହରର ଶିବା, ଶକ୍ତି ହଲ କିଛି ବର୍ଷ ତଳେ ବନ୍ଦ ହୋଇଯାଇଛି। ଯାହାକୁ ଏବେ ଭଙ୍ଗା ଯାଇଛି। କିଛି ମାସ ହେଲା ପାୟଲ ଟକିଜ ବନ୍ଦ ରହିଛି। ମକର ସଂକ୍ରାନ୍ତି, ରଜ ସଂକ୍ରାନ୍ତି, ରାକ୍ଷୀ ପୂର୍ଣ୍ଣିମା, ଗଣେଶ ପୂଜା ଓ ଦୁର୍ଗା ପୂଜାରେ ସାଧାରଣତଃ ବଡ ବ୍ୟାନରର ଚଳଚ୍ଚିତ୍ର ଏଠାରେ ରିଲିଜ ହୋଇଥାଏ। ସିନେମା ଦେଖିବା ପାଇଁ ଗହଳି ହେଉଥିବାରୁ ହଲ ମାଲିକ ଓ ଚଳଚ୍ଚିତ୍ର ପ୍ରଯୋଜନା ସଂସ୍ଥା ଭଲ ରୋଜଗାର କରୁଥିଲେ। କିନ୍ତୁ କିଛି ବର୍ଷ ହେବ ଗଣେଶ ପୂଜା ଓ ଦଶହରାରେ ବି ସିନେମା ବଜାର ଫିକା ପଡୁଛି। ଦିନ ଥିଲା ସହରର ଅନେକ ହଲରେ ଗୋଟିଏ ଫିଲ୍ମ



ବ୍ରହ୍ମପୁର ସହରରେ ଥିବା ରୁକ୍ମିଣୀ ସିନେମା ହଲ।

### ଥିଲା ୧୧, ଏବେ ଚାଲିଛି ୩

ପଡୁଥିଲା। ହେଲେ ପରିସ୍ଥିତି ଏମିତି ହେଲାଣି ଯେ ଗୋଟିଏ ହଲରେ ଦର୍ଶକଙ୍କ ରୁଚି ଅନୁଯାଇ ୪ଟି ଶୋ'ରେ ୨ ଫିଲ୍ମ ପଡୁଛି। ଗୋଟିଏ ପଟେ କରୋନା ପରେ ପରେ କିଛି ସିନେମା ହଲ ବନ୍ଦ ରହିଥିବା ବେଳେ ଅନ୍ୟପଟେ ମାଲିକଙ୍କ ଉପରେ ଆର୍ଥିକ ବୋଝ ବଢ଼ିବାରେ ଲାଗିଛି। ହଲ ନ ଚାଲିଲେ ବି ବିଦ୍ୟୁତ ବିଲ ସାଙ୍ଗକୁ ମହାନଗର ନିଗମକୁ ଟ୍ରେଡ ଲାଇସେନ୍ସ ବାବଦ ଫି ଦେବାକୁ ପଡୁଛି । ସେହିପରି ନିୟମିତ ସଫାସୁତରା ରଖିବା ଓ ଜେନେରେଟର୍ ଚଳାଇବା ସମେତ ଆନୁସଙ୍ଗିକ ପରିଚାଳନା କରିବାକୁ ପଡୁଥିବା କେତେଜଣ ହଲ କର୍ମଚାରୀ କହିଛନ୍ତି। ପୂର୍ବ ତୁଳନାରେ କମ କର୍ମଚାରୀ ଥିଲେ ମଧ୍ୟ ସେମାନଙ୍କୁ ଦରମା ଦେବାକୁ ପଡୁଥିଲା। କ୍ରମଶଃ ହଲରେ ଦର୍ଶକ କମ ହେବା ସାଙ୍ଗକୁ ଖର୍ଚ୍ଚ ବୋଝ ଯୋଗୁଁ ସିନେମା ହଲ ମାଲିକ ନୟାନ୍ତ ହୋଇସାରିଲେଣି। ଏଭଳି ବିଭିନ୍ନ କାରଣ ଯୋଗୁ ସିନେମା ହଲଗୁଡିକ ବନ୍ଦ ହୋଇଥିବା କିଛି ଦର୍ଶକ କହିଛନ୍ତି।

## ଗଞ୍ଜାମରେ ୨୦ ଯାଏ ସ୍କୁଲ ବନ୍ଦ

ଛତ୍ରପୁର/ବ୍ରହ୍ମପୁର,୧୭।୬ (ଦିଲୀପ ସାମଲ/ସ୍ୱାଧୀନ ଶେଖର ପାଢୀ)

ଆସନ୍ତା ୨୦ ତାରିଖ ଯାଏଁ ବନ୍ଦ ରହିବ ସ୍କୁଲ । ଏନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ ରହିଥିବା ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ସୂଚନା ଦେଇଛନ୍ତି। ମଙ୍ଗଳବାର ସମଗ୍ର ରାଜ୍ୟରେ ସ୍କୁଲ ଖୋଲିବା ପାଇଁ ପୂର୍ବରୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ସେଥିପାଇଁ ପ୍ରାକ ପ୍ରସ୍ତୁତି କରାଯାଇଥିଲା। ହେଲେ ପାଣିପାଗ ବିଭାଗ ଜାରି କରିଥିବା ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳିକୁ ନେଇ ସ୍କୁଲ ଖୋଲିବା ନିଷ୍ପତ୍ତିକୁ ବଦଳାଯାଇଛି। ଗଞ୍ଜାମ ଜିଲାରେ ୨୦ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲାରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଛୁଟି ରହିବ ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସୂଚନା ଦେଇଛନ୍ତି। ବିଦ୍ୟାଳୟ ଖୋଲା ରହିବ ଓ ଶିକ୍ଷୟତ୍ରୀଶିକ୍ଷକମାନେ ବିଦ୍ୟାଳୟରେ ଉପସ୍ଥିତ ରହିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

## ଯୁବକଙ୍କୁ ଆକ୍ରମଣ, ୨ ଭାଇ ଅଟକ

ବ୍ରହ୍ମପୁର,୧୭।୬(ସୁବାସ ଚନ୍ଦ୍ର ପାଢ଼ୀ)

ଏକ ଆକ୍ରମଣ ଘଟଣାରେ ବଡବଜାର ଥାନା ପୋଲିସ ଜଣେ ଅଭିଯୁକ୍ତ ଓ ତାଙ୍କ ଭାଇଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସେମାନେ ହେଲେ ଲାଲା ମହାନ୍ତି ଓ ତାଙ୍କ ଭାଇ ରୁନା ମହାନ୍ତି। ମଙ୍ଗଳବାର ଉଭୟଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲିକ କହିଛନ୍ତି। ରବିବାର ରାତି ପ୍ରାୟ ୯ଟାରେ ଆସିକା ରୋଡ ଗଣପତି ନଗର ୫ମ ଗଳିରେ ଜୟ ଗୌଡ ଓ ତାଙ୍କ ଦୁଇ ସାଙ୍ଗ ବିକ୍ରମ ଗୌଡ ଓ ବାପୁନି ସାହୁ ଏକ ମଣ୍ଡପ ନିକଟରେ ବସିଥିଲେ। ସେଠାରେ ଲାଲା ଓ ତାଙ୍କ ଭାଇ ପହଞ୍ଚି ତାଙ୍କୁ ଧମକ ଦେବା ସହ ହକି ଷ୍ଟିକରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ପରେ ଜୟ ଗୌଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୦୧/୨୪ରେ ଏକ ମାମଲା ରୁଜୁ କରିଥିଲା। ତଦନ୍ତ କରି ଲାଲା ଓ ତାଙ୍କ ଭାଇଙ୍କୁ ଧରି ଥାନାକୁ ଆଣିଥିଲା। ଗତ ୪ ଦିନ ତଳେ ଲାଲା କୌଣସି ଶତ୍ରୁତାକୁ କେନ୍ଦ୍ରକରି ଜୟଙ୍କୁ ଆକ୍ରମଣ କରିଥିଲେ। ଜୟ ଏ ନେଇ ପୋଲିସକୁ ଜଣାଇଥିଲେ। ପୋଲିସକୁ ଜଣାଇବାରୁ ଲାଲା ଆକ୍ରମଣ କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

## ଦେଶ ସେବାରେ ନିଜକୁ ନିୟୋଜିତ କରିଥିଲେ ଗୋପବନ୍ଧୁ




ଉପସ୍ଥିତ ସମିତିର ସଦସ୍ୟବୃନ୍ଦ ।

ବ୍ରହ୍ମପୁର,୧୭।୬(ସ୍ମୃତି ରଞ୍ଜନ ମହାଲିକ)

ପୂଜ୍ୟ ପୂଜା ସମିତି ସୋମବାର ଗୋପବନ୍ଧୁ ଦାସଙ୍କ ୯୭ତମ ତିରୋଧାନ ଦିବସ ପାଳିଛି। ସମିତି ପକ୍ଷରୁ ଗିରି ରୋଡ଼ ସ୍ଥିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଏମକେସିଜି ମେଡିକାଲ କଲେଜ ପରିସରରେ ଏକ ସ୍ମରଣ ସଭା ହୋଇଥିଲା। ଦେବରାଜ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅମୂଲ୍ୟ ଚନ୍ଦ୍ର ପଣ୍ଡା ଗୋପବନ୍ଧୁଙ୍କ ଜୀବନୀ ଆଲୋଚନା କରିଥିଲେ। ସମିତି ସମ୍ପାଦକ ଏସ ଶାମ୍ବାଶିବା ରାଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉନବିଂଶ ଶତାବ୍ଦୀର ଅୟମାରମ୍ଭରେ ଶିକ୍ଷାର ଆଲୋକକୁ ଜନଗଣଙ୍କ ଠାରେ ପହଞ୍ଚାଇବା ପାଇଁ ୧୯୦୯ରେ ଗୋପବନ୍ଧୁ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ସେ ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ମାତୃକାର ସେବାରେ ନିଜକୁ ନିୟୋଜିତ କରିଥିଲେ। ସେହିପରି ସେ ସାହିତ୍ୟ କ୍ଷେତ୍ରରେ କାରାକବିତା, ଧର୍ମପଦ, ନଚିକେତା, ଗୋମାହାତ୍ମ୍ୟ, ବନ୍ଦୀର ଆତ୍ମକଥା, ଅବକାଶ ଚିନ୍ତା ଭଳି ଅନେକ ଗ୍ରନ୍ଥ ରଚନା କରିଥିବା ସଭାରେ ମତ ପ୍ରକାଶ ପାଇଥିଲା। ଜଟେଶ୍ୱର ସାବତ, ସୁରେନ୍ଦ୍ର ନାଥ ପଣ୍ଡା, ବିପ୍ର ଚରଣ ସାହୁ, କରୁଣାକର ଗୌଡ଼, ଡା ରାଜେନ୍ଦ୍ର କୁମାର ତ୍ରିପାଠୀ, ଅମୂଲ୍ୟ ଚନ୍ଦ୍ର ପଣ୍ଡା, ବୃନ୍ଦାବନ ପରିଡା ଓ ଅବନୀ ଗୟାଙ୍କ ସମେତ ସମିତିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ବ୍ରହ୍ମପୁର,୧୭।୬ (ସୁବାସ ଚନ୍ଦ୍ର ପାଢ଼ୀ)

ବିବାହର ପ୍ରଲୋଭନ ଦେଖାଇ ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ନିମଖଣ୍ଡି ଅଞ୍ଚଳର ଜଗା ଦାସ(୨୧)ଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। କିଛି ଦିନ ତଳେ ଜଗା ନିମଖଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଅପହରଣ କରି ନେଇଥିଲେ । ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ପରେ ପୋଲିସ ନଂ. ୧୮୦/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଜଗାଙ୍କୁ ଧରିଥିଲା। ଧାରା ୧୬୧ ଅନୁସାରେ ଥାନାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲା। ନାବାଳିକାଙ୍କୁ ଜଗା ଏକ ଘରେ ରଖି ତାଙ୍କ ଇଚ୍ଛା ବିରୋଧରେ ବାରମ୍ବାର ବଳାତ୍କାର କରିଥିଲେ । ନାବାଳିକା ଜଣଙ୍କ ବିବାହ କରିବା ପାଇଁ ଯୁବକଙ୍କ ନିକଟରେ ଜିଦ୍ କରିବାରୁ ତାଙ୍କୁ ଧମକଚମକ ଦେଉଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଥିଲେ। ସୋମବାର ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଥିଲା।

## ଗଣ୍ଡଗୋଳ ମାମଲା: ଉଭୟ ପକ୍ଷରୁ ୨ କୋର୍ଟ ଚାଲାଣ

ଗୋପାଳପୁର,୧୭।୬(ନବୀନରାଜ ଆଚାରୀ)

ଗୋଳନ୍ଥରା ଥାନା ହଳଦିଆ ପଦରରେ ଗତ ଶନିବାର କଥା କଟାକଟିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ପୋଲିସ ସୋମବାର ଉଭୟ ଗୋଷ୍ଠୀର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ହଳଦିଆପଦରର ସୁବାସ ଦାସ ଓ ଅନ୍ୟ ଗୋଷ୍ଠୀର ସୁମନ ଦାସ ଓରଫ ବେଙ୍ଗ। ଅଭିଯୋଗ ଅନୁଯାୟୀ ଗତ ଶନିବାର ରାତିରେ ହରିଶ୍ଚନ୍ଦ୍ର ବେହେରା ଗାଁରେ ଥିବା ଚଣ୍ଡି ଗାଡିଆକୁ ଗାଧୋଇବାକୁ ଯାଉଥିବା ବେଳେ ହଳଦିଆପଦର ସୁବାଷ ଓ ଅନ୍ୟ ୩ ଜଣ ମିଶି ଗାଳିଗୁଲଜ କରିବା ସହ ଛୁରୀରେ ଆକ୍ରମଣ କରିଥିଲେ। ଏଥିରେ ହରିଶ୍ଚନ୍ଦ୍ରଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଏ ନେଇ ହରିଶ୍ଚନ୍ଦ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୨୬୧/୨୪ରେ ଏକ ମାମଲା ରୁଜୁ ତଦନ୍ତ କରିବା ସହ ମାମଲାରେ ସମ୍ପୃକ୍ତ ସୁବାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପଟେ ହଳଦିଆପଦରର ପୀତାମ୍ବର ବେହେରା ଅଭିଯୋଗ କରିଛନ୍ତି ଯେ, ଶନିବାର ସେ ଘରୁ ବାହାରି ହରିଜନ ସାହି ଛକ ଠାରେ ପହଞ୍ଚିବା ବେଳେ ସୁମନ ଠେଙ୍ଗା ଓ କାତିରେ ଆକ୍ରମଣ କରିଥିଲେ। ପୋଲିସ ମାମଲା ରୁଜୁ କରି ସୁମନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ଶତାୟୁଙ୍କ ପରଲୋକ

ବ୍ରହ୍ମପୁର,୧୭।୬ (ସୁବାସ ଚନ୍ଦ୍ର ପାଢ଼ୀ):

କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ସୁକୁଣ୍ଡା ଗ୍ରାମର ଶତାୟୁ ପୁରୁଷ ହାଡୁବନ୍ଧୁ କୋଠିଆଙ୍କ ସୋମବାର ସନ୍ଧ୍ୟାରେ ନିଜ ବାସଭବନ ଠାରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୧ ବର୍ଷ ହୋଇଥିଲା। ସ୍ୱର୍ଗତ କୋଠିଆ ଜଣେ ପରୋପକାରୀ, ମେଳାପି ଓ କାଠ ବ୍ୟବସାୟୀଭାବେ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳବାସୀଙ୍କ ସମେତ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ସୁକୁଣ୍ଡା ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ମୃତ୍ୟୁବେଳକୁ ତାଙ୍କ ନିକଟରେ ୩ ପୁଅ ମାଧବ, ହରିକୃଷ୍ଣ ଓ ସୁଦାମ, ଝିଅ ଅଶୋକା, ୪ ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ । ମୃତ୍ୟୁ ଖବରପାଇ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ରାଜେନ୍ଦ୍ର କୁମାର ଜେନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

## ଛତ୍ରପୁର ବିଧାୟକଙ୍କୁ ସମ୍ବର୍ଦ୍ଧନା

ଛତ୍ରପୁର, ୧୭।୬ (ଦିଲୀପ ସାମଲ):

ଛତ୍ରପୁରର ନବ ନିର୍ବାଚିତ ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କୁ ପ୍ରେସକ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସୋମବାର ସନ୍ଧ୍ୟାରେ ଛତ୍ରପୁର ପ୍ରେସକ୍ଲବ ଗୃହରେ ସଭାପତି ରବିନ୍ଦ୍ରନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ସନ୍ତୋଷ ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଉପଦେଷ୍ଟା ବୃନ୍ଦ ରବିନ୍ଦ୍ର କୁମାର ପଣ୍ଡା, ଶ୍ରୀକାନ୍ତ ମହାନ୍ତି, ବସନ୍ତ ମହାରଣା, ସମ୍ପାଦକ ସରୋଜ ସାମଲ, କୋଷାଧ୍ୟକ୍ଷ କେ ସୂର୍ଯ୍ୟ ନାରାୟଣ ରେଡ୍ଡୀ, ପୂର୍ବତନ ସଭାପତି ପ୍ରଶାନ୍ତ ମହାରଣା, ଯୁବ ଖବରଦାତା ବିସ୍ମୟ ପ୍ରଧାନ, ଉପଦେଷ୍ଟା କ୍ଷୀରୋଦ ସାହୁ, ଦିଲ୍ଲୀପ ସାମଲ, ଅଜିତ ସ୍ୱାଇଁ, ସନ୍ତୋଷ କୁମାର ସାହୁ, ରବିନ୍ଦ୍ର ନାହାକ, ଅଶୋକ ବେହେରା, କିଶୋର ଚନ୍ଦ୍ର ମହାନ୍ତି, ପ୍ରଦୀପ କୁମାର ସାହୁ, ଦେବବ୍ରତ ପଣ୍ଡା, ବୀରେନ ରାଉଳ, କେ. ରମେଶ, ଅଶୋକ ରଥ ଓ ପିତାମ୍ବର ନାହାକ ଉପସ୍ଥିତ ଥିଲେ।

## ସମୂହ ନମାଜ ପାଠ କଲେ ମୁସଲମାନ ସମ୍ପ୍ରଦାୟ



ବ୍ରହ୍ମପୁର ସୋମନାଥ ନଗର



ଛତ୍ରପୁର

ବ୍ରହ୍ମପୁର,୧୭।୬(ସ୍ମୃତି ରଞ୍ଜନ ମହାଲିକ/ ଦିଲୀପ ସାମଲ)

ମୁସଲମାନ ସଂପ୍ରଦାୟର ପବିତ୍ର ପର୍ବ ଇଦ ଉଜ ଜୁହା ସୋମବାର ବ୍ରହ୍ମପୁର ସହରର ଜାମିୟା ମସଜିଦ କମିଟି ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ସମୂହ ନମାଜ ପାଠ ଓ ପ୍ରାର୍ଥନା ସୋମନାଥ ନଗର ଓ କାମ୍ପ ସାହି ଇଦ ଗହା ପଡିଆରେ ହୋଇଥିଲା। ଏଥିରେ ପ୍ରାୟ ୧୦ ହଜାର ମୁସଲମାନ ଉପସ୍ଥିତ ଥିଲେ। ସେମାନେ ଭାଇଚାରା ସଂପର୍କ ବୃଦ୍ଧି ସହ ଦେଶର ଉନ୍ନତି ପାଇଁ ପ୍ରାର୍ଥନା କରିଥିଲେ। ଗରିବ ଓ ଅସହାୟ ଲୋକଙ୍କୁ ଦାନ କରିବା ଦ୍ୱାରା ଆଲ୍ଲା ପୁଣ୍ୟ ପ୍ରଦାନ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ଜାମିୟା ମସଜିଦର ସଭାପତି ମହମ୍ମଦ ଫାୟିଜ ଖାନ, ସଂପାଦକ ଇବ୍ରାହିମ ଖାନ, କୋଷାଧ୍ୟକ୍ଷ ଅବଦୁଲ ରେହମାନିଙ୍କ ସମେତ ମୁକ୍ତିଆର ବେଗ, ଖାଜା ମୁସାଫା ଓ ସାହାନାୱାଜ ବେଗ ଓ ବହୁ ମୁସଲମାନ ଭାଇ ଉପସ୍ଥିତ ଥିଲେ। ସେହିପରି ଛତ୍ରପୁର ପୁତିଗୋପାଳପୁର ସ୍ଥିତ ମସଜିଦରେ ଧର୍ମଗୁରୁ ହାଫିସ୍ ମହମ୍ମଦ ଜମିରଉଦ୍ଦିନଙ୍କ ତତ୍ତ୍ୱାବଧାନରେ ସମୂହ ନମାଜ ପାଠ ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ। ଆଫୋ ଖାନ୍, ଆଫତାବ୍ ଖାନ, ଇକୁ ଅମିନ ଖାନ, ଜାକିର ଖାନ୍, ଜଲାଲ ଖାନ୍ ପ୍ରମୁଖ ସମସ୍ତଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ।

## ସମବାୟବିତ୍ ସୁଧୀର ରାଉତଙ୍କ ପରଲୋକ



ବ୍ରହ୍ମପୁର,୧୭।୬ (ନରସିଂହ ସାହୁ)

ବିଶିଷ୍ଟ ସମବାୟବିତ୍ ତଥା ବ୍ରହ୍ମପୁର ସମବାୟ ଭଣ୍ଡାରର ପୂର୍ବତନ ସଭାପତି ସୁଧୀର କୁମାର ରାଉତ(୫୯)ଙ୍କ ସୋମବାର ପରଲୋକ ହୋଇଯାଇଛି। କିଡ୍‌ନି ରୋଗରେ ଆକ୍ରାନ୍ତ ହୋଇ ସେ ମହାନଗରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଥିଲେ। ସୁଧୀର ବିଜେଡିର ସକ୍ରିୟ ସଂଗଠକ ଭାବେ ପରିଚିତ। ତାଙ୍କ ମୃତ୍ୟୁ ଖବର ପାଇ ଜିଲା ବିଜେଡି ସଭାପତି ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିପିନ ପ୍ରଧାନ, ସମାଜସେବୀ ସୁଧୀର ମହାନ୍ତି, ବିଜେଡି ଜୋନ ସଭାନେତ୍ରୀ ମମତା ବିଷୋଇଙ୍କ ସମେତ ବିଭିନ୍ନ ସ୍ତରର ବହୁ ସଂଖ୍ୟକ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ସମ୍ମାନ ଜଣାଇଥିଲେ। ପୈତୃକ ଗ୍ରାମ କୁକୁଡ଼ାଖଣ୍ଡି ନିକଟ ବାଇଗଣବାଡ଼ି ଗ୍ରାମକୁ ମୃତଦେହ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ଓଡ଼ିଶା ବାର କାଉନସିଲ ସଦସ୍ୟ ପୀତବାସ ପଣ୍ଡା ଶୋକ ପ୍ରକାଶ କରିଛନ୍ତି।

## ସଚଳ ହେଲା ରେଲୱେ ଷ୍ଟେଶନ ୱାଟର ପ୍ୟୁରିଫାୟର

ବ୍ରହ୍ମପୁର,୧୭।୬(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ରେଳ ଷ୍ଟେଶନରେ ଦେଖାଦେଇଥିବା ଜଳ ସଙ୍କଟ ସୋମବାର ସମାଧାନ ହୋଇଛି। ଏ ନେଇ ବ୍ରହ୍ମପୁର ରେଲୱେ ଜଳ ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ରେଳ ଷ୍ଟେସନର ୪ଟି ପ୍ଲାଟଫର୍ମରେ ଥିବା ସମସ୍ତ ପାନୀୟ ଜଳ ଯୋଗାଣ ଟ୍ୟାପରୁ ପାଣି ଆସୁଥିବା ଦେଖିବାକୁ ମିଳିଛି। ସେହିପରି ଦୀର୍ଘ ଦିନ ଧରି ୪ଟି ପ୍ଲାଟଫର୍ମରେ ଥିବା ୱାଟର ପ୍ୟୁରିଫାୟର ମେଶିନ ମଧ୍ୟ ରେଳବାଇ ବିଦ୍ୟୁତ ବିଭାଗ ପକ୍ଷରୁ ମରାମତି କରାଯାଇଛି। ଏହା ଦ୍ୱାରା ଲୋକେ ଉପକୃତ ହେବେ ବୋଲି ବିଭାଗର ବରିଷ୍ଠ ସେକସନ ଇଞ୍ଜିନିୟର ଅନିଲ କୁମାର କହିଛନ୍ତି।

## ନୀଳକଣ୍ଠେଶ୍ୱର ସେବା ପ୍ରତିଷ୍ଠାନ କମିଟିର ନୂତନ କର୍ମକର୍ତ୍ତା



ଉପସ୍ଥିତ କମିଟିର ସଦସ୍ୟବୃନ୍ଦ।

ବ୍ରହ୍ମପୁର,୧୭।୬(ସ୍ମୃତି ରଞ୍ଜନ ମହାଲିକ)

ନୀଳକଣ୍ଠେଶ୍ୱର ସେବା ପ୍ରତିଷ୍ଠାନ କମିଟିର ସୋମବାର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସଂଘର ସଭାପତି ରୂପେ କାଳୀ କିଙ୍କର ପାତ୍ର, ଉପସଭାପତି ଜଗଦୀଶ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ବିପ୍ରଚରଣ ଦଳେଇ, ସଂପାଦକ ଦାସରଥି ବେହେରା, ସହ ସଂପାଦକ ବି ପ୍ରଶାନ୍ତ ପାତ୍ର, କୋଷାଧ୍ୟକ୍ଷ ଏ ବାସୁଦେବ ରେଡି, ମାର୍ଗଦର୍ଶକ ଭାବେ ରଘୁନାଥ ସୁବୁଦ୍ଧି, ରାଧାଗୋବିନ୍ଦ ପାଢି, ଏସ ଦଣ୍ଡପାଣି ଓ କେ ହରିନାରାୟଣଙ୍କୁ ଚୟନ କରାଯାଇଛି। ସେହିପରି କାର୍ଯ୍ୟକାରୀ ସଭ୍ୟ ରୂପେ ଭୈରବ ସ୍ୱାଇଁ, ପ୍ରଫୁଲ୍ଲ ବେହେରା, ଦାମୋଦର ପାଣିଗ୍ରାହୀ ଓ ଉପେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ମନୋନୀତ ହୋଇଛନ୍ତି।

# ଗଞ୍ଜାମରେ ଖରା ସହି ନ ପାରି ୭ ଜୀବନ ଗଲାଣି

ବ୍ରହ୍ମପୁର, ୧୭।୬ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ଚଳିତ ବର୍ଷ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଜିଲାସାରା ପ୍ରବଳ ତାତି ସହ ଗରମ, ଗୁଳୁଗୁଳି ଅନୁଭୂତ ହେଉଛି। ଜିଲାର ବିଭିନ୍ନ ବ୍ଲକରେ ତାପମାତ୍ରା ୪୨/୪୩ ଡିଗ୍ରି ଛୁଇଁ ସାରିଲାଣି। ଏଭଳି ସ୍ଥିତି ଯୋଗୁଁ ଅଂଶୁଘାତ ଭୟ ରହିଛି। ଗତ ପ୍ରାୟ ୨ମାସ ମଧ୍ୟରେ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ୭ଜଣଙ୍କ ଖରା ସହି ନପାରି ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଅଂଶୁଘାତ ମୃତ୍ୟୁକୁ ଆଇନଗତ ଭାବେ ପ୍ରମାଣିତ କରିବା ପାଇଁ ମୃତଦେହ ବ୍ୟବଚ୍ଛେଦ(ପିଏମ) ରିପୋର୍ଟ ଆବଶ୍ୟକ। ବର୍ତ୍ତମାନ ସୁଦ୍ଧା ୭ ଜଣଙ୍କ ରିପୋର୍ଟ ଆସି ସାରିଛି। ଅଂଶୁଘାତ ନୁହେଁ ବରଂ ଅନ୍ୟ କାରଣରୁ

### ପିଏମ ରିପୋର୍ଟରେ ଅଂଶୁଘାତକୁ ନା

ସେମାନଙ୍କର ମୃତ୍ୟୁ ଘଟିଥିବା ନେଇ ରିପୋର୍ଟରେ ଉଲ୍ଲେଖ ରହିଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ଅଂଶୁଘାତଜନିତ ମୃତ୍ୟୁ ସଂଖ୍ୟା ଶୂନ ରହିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମା ଶଙ୍କର ମିଶ୍ର କହିଛନ୍ତି। ଏ ବର୍ଷ ଗଞ୍ଜାମ ଜିଲାରେ ତାତି ରେକର୍ଡ ଭାଙ୍ଗିଛି। ମାର୍ଚ୍ଚ ମାସରୁ ଗରମ ଗୁଳୁଗୁଳି ଆରମ୍ଭ ହୋଇଯାଇଛି। ଏପ୍ରିଲ ଓ ମେ ମାସରେ ଅଗ୍ନିବର୍ଷା ଭଳି ଖରା ଅନୁଭବ ହୋଇଛି। ଏଣୁ ଅଂଶୁଘାତ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଅଂଶୁଘାତ ରୋଗୀଙ୍କ ପାଇଁ ଏମକେସିଜି ବଡ ଡାକ୍ତରଖାନାରେ ସ୍ୱତନ୍ତ୍ର ୱାର୍ଡ ବ୍ୟବସ୍ଥା କରାଯାଇଛି। ସେଠାରେ ସ୍ୱତନ୍ତ୍ର ଭାବେ ଡାକ୍ତର ଓ ନର୍ସଙ୍କୁ ନିୟୋଜିତ କରାଯାଇଛି। ପ୍ରବଳ ଗରମ ଯୋଗୁଁ ଜିଲାର ବିଭିନ୍ନ ସ୍ଥାନରେ ଅଂଶୁଘାତ ମୃତ୍ୟୁ ଅଭିଯୋଗ ଆସିଛି। ଗତ ଏପ୍ରିଲ ୩୦ତାରିଖରେ ଧରାକୋଟ ବ୍ଲକ ଜଗମୋହନ ଗ୍ରାମର ଭାଲୁ ସାହୁ (୭୦) ନାମକ ଜଣେ ବୃଦ୍ଧଙ୍କ ଅଂଶୁଘାତରେ ମୃତ୍ୟୁ ଅଭିଯୋଗ ହୋଇଥିଲା। ଋଷିକୁଲ୍ୟା ନଦୀକୁ ଶୌଚ ପାଇଁ ଯାଇଥିବା ବେଳେ ପ୍ରବଳ ଖରାରେ ସେ ସେଠାରେ ଟଳି ପଡିଥିଲେ। ଗତ ମେ ୧ତାରିଖରେ ଦିଗପହଣ୍ଡି ଥାନା ଅଧୀନ ଭୀମପୁରଶାସନ ଗ୍ରାମର ଲକ୍ଷ୍ମୀକାନ୍ତ ମିଶ୍ର (୬୬) ଅଂଶୁଘାତରେ ପ୍ରାଣ ହରାଇଥିବା ଅଭିଯୋଗ ହୋଇଥିଲା। ଲକ୍ଷ୍ମୀକାନ୍ତ କୌଣସି କାମରେ ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ଗ୍ରାମକୁ ଯାଇଥିଲେ। ସେଠାରେ ହଠାତ୍ ଅଚେତ ହୋଇ ପଡି ଯାଇଥିଲେ। ଗତ ମେ ୪ତାରିଖରେ ବୁଗୁଡ଼ା ଥାନା ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ସୁବୁଦ୍ଧିପଲ୍ଲୀ ଗ୍ରାମରେ ଜଣେ ଯୁବତୀଙ୍କ ଅଂଶୁଘାତରେ ପ୍ରାଣ ଯାଇଥିବା ଅଭିଯୋଗ ହୋଇଥିଲା। ମୃତକ ଜଣଙ୍କ ହେଲେ, ରୀନା ଗୌଡ଼ (୨୯)। ରୀନା ରାଶି ଆଦାୟ ପାଇଁ ବିଲକୁ ଯାଇଥିଲେ। ଟାଣଖରାରେ ବିଲରେ କାମ କରୁଥିବା ବେଳେ ହଠାତ୍ ଗୁରୁତର ହୋଇ ପଡିଥିଲେ। ଘରକୁ ଆସିବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଗତ ମଇ ୨୯ତାରିଖରେ ଭଞ୍ଜନଗର ଥାନା ଅଧୀନ ଦଦରାଲୁଣ୍ଡା ଗ୍ରାମ ନିକଟରେ ଶିବଶଙ୍କର ଗୌଡ଼ (୫୫) ନାମକ ଜଣେ ବ୍ୟକ୍ତିଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ତେବେ ଅଂଶୁଘାତରେ ଶିବଶଙ୍କରଙ୍କ ମୃତ୍ୟୁ ହୋଇଥିବା ପରିବାରବର୍ଗ ଅଭିଯୋଗ ଆଣିଥିଲେ। ଏଭଳି ବିଭିନ୍ନ ସ୍ଥାନରୁ ବର୍ତ୍ତମାନ ସୁଦ୍ଧା ୭ଜଣଙ୍କ ଅଂଶୁଘାତଜନିତ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ୭ଟି ରିପୋର୍ଟରେ ମୃତ୍ୟୁର କାରଣ ଅଂଶୁଘାତ ହୋଇ ନଥିଲେ ସୁଦ୍ଧା ପ୍ରବଳ ଖରା ଓ ଗରମ ଯୋଗୁଁ ଅସୁସ୍ଥ ହୋଇ ସେମାନଙ୍କ ଜୀବନ ଯାଇଥିବା କୁହାଯାଉଛି।

